**ଥାନାରେ ପ୍ରେମ ବିବାହ**

**ବରଗଡ଼ ଅଫିସ୍:** ବରଗଡ଼ ସଦର ଥାନାରେ ଗୁରୁବାର ଏକ ପ୍ରେମ ବିବାହ ସମ୍ପନ୍ନ ହୋଇଛି। ବରଗଡ଼ ବ୍ଲକ ଅନ୍ତର୍ଗତ ରୁହୁନିଆଁ ଗ୍ରାମର ହରିହର ଭୋଇ ଏବଂ ଖୁଣ୍ଟପାଲି ଗ୍ରାମର ଉର୍ମିତା ପ୍ରଧାନ ଫୁଲମାଳା ବିନିମୟରେ ପରସ୍ପରକୁ ଜୀବନ ସାଥୀ ଭାବେ ବାଛି ନେଇଛନ୍ତି। ବିବାହ ପରେ ଉର୍ମିତାଙ୍କୁ ସାଥିରେ ନେଇ ହରିହର ନିଜ ଘରକୁ ଯାଇଛନ୍ତି। ପ୍ରକାଶ ଯେ, ଗତ କିଛିଦିନ ତଳେ ହରିହର ଏବଂ ଉର୍ମିତାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟେ ବିବାହ କରିବାକୁ ଚାହିଁଥିଲେ। ମାତ୍ର ସେମାନଙ୍କୁ ପାରିବାରିକ ସ୍ୱୀକୃତି ମିଳୁ ନ ଥିଲା। ଫଳରେ ସେମାନେ ସଦର ଥାନାର ଦ୍ୱାରସ୍ଥ ହୋଇଥିଲେ। ସଦର ଥାନାଧିକାରିଣୀ ସ୍ୱପ୍ନାରାଣୀ ଗୋଚ୍ଛାୟତଙ୍କ ଉପସ୍ଥିତିରେ ସେମାନଙ୍କ ବିବାହ ସମ୍ପନ୍ନ ହୋଇଥିଲା।

# ଧାନ ବିକ୍ରିରେ ଚାଷୀ ହଟହଟା

- ମଣ୍ଡିକୁ ଆସିବା ସତ୍ତ୍ୱେ ଏଣ୍ଟ୍ରି ହେଉନାହିଁ
- ଫଲ୍ସ ଏଣ୍ଟ୍ରି ହେଉଥିବା ଅଭିଯୋଗ
- ନିଜ ଖର୍ଚ୍ଚରେ ବସ୍ତା କିଣୁଛନ୍ତି ଚାଷୀ

**ବରଗଡ଼ ଅଫିସ୍,୧୯।୫**

ବରଗଡ଼ ଜିଲାରେ ରବିରତୁ ଧାନ ସଂଗ୍ରହ ପ୍ରକ୍ରିୟାକୁ ଗୁରୁବାର ସପ୍ତାହେ ପୂରିଛି। ମଣ୍ଡି ଗୁଡ଼ିକରେ ଧାନ କିଣାବିକା ଚାଲିଛି। ହେଲେ ମଣ୍ଡିକୁ ଧାନ ଆଣି ଏବେ ମଧ୍ୟ ଚାଷୀଙ୍କୁ ହଟହଟା ହେବାକୁ ପଡୁଛି। ଟୋକନ ପାଇଲା ପରେ ମଣ୍ଡିକୁ ଚାଷୀମାନେ ଧାନ ଆଣୁଛନ୍ତି। ଏହାସତ୍ତ୍ୱେ ତାକୁ ତତ୍କାଳ କାଗଜପତ୍ରରେ ଏଣ୍ଟ୍ରି କରାଯାଉନାହିଁ। ଯେଉଁଦିନ ଧାନ ଉଠାଯାଉଛି, ସମ୍ପୃକ୍ତ ଦିନ ହିଁ ମଣ୍ଡିରେ ଏଣ୍ଟ୍ରି ଏବଂ ଉଠାଣ ଦର୍ଶାଯାଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ଦୈନିକ ଲକ୍ଷାଧିକ ପ୍ୟାକେଟ୍ ଧାନ ଫଲ୍ସ ଏଣ୍ଟ୍ରି କରାଯାଉଥିବା ଆଲୋଚନା ହେଉଛି। ଚାଷୀମାନେ ଆଣୁଥିବା ଧାନକୁ ଉଠାଯାଉ ନ ଥିବାରୁ ବିକ୍ରି ହେବା ପର୍ଯ୍ୟନ୍ତ ଖରା ତାତି ସହି ମଣ୍ଡିରେ ଧାନ ଜଗିବାକୁ ପଡୁଛି। ସେହିପରି କେତେକ ମଣ୍ଡିକୁ ମିଲର୍ସ ଆସୁ ନ ଥିବାରୁ ସମ୍ପୃକ୍ତ ମଣ୍ଡି ଗୁଡ଼ିକରେ ଧାନ ଉଠାଣ ଶିଥିଳ ହୋଇପଡିଛି। ଆଗକୁ ମଧ୍ୟ ଧାନ ଉଠାଣ ମନ୍ଥର ହେଲେ, ଝଡ଼ବର୍ଷାରେ ଚାଷୀଙ୍କୁ କ୍ଷତି ସହିବାକୁ ପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଜିଲାର ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନ ମଣ୍ଡି ଗୁଡ଼ିକରୁ ଗତ ୧୨ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଉକ୍ତ ଆର୍‌ଏମ୍‌ସିରେ ଏଥର ୫୪ମଣ୍ଡି ଖୋଲିଛି। ଆରଏମସି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ସୁଦ୍ଧା ଉକ୍ତ ମଣ୍ଡିଗୁଡ଼ିକୁ ୪ଲକ୍ଷ ୮୩ହଜାର ୭୧୮ ପ୍ୟାକେଟ୍ ଧାନ ଆସିଛି। ସେଥିରୁ ୪ଲକ୍ଷ ୩୮ହଜାର ୬୩୨ପ୍ୟାକେଟ୍ ବିକ୍ରି ହୋଇଛି। ଏଠାରେ ଆହୁରି ୪୫ହଜାର ୮୬ପ୍ୟାକେଟ୍ ଧାନ ବିକ୍ରି ନ ହୋଇ ପଡ଼ି ରହିଛି। ଅନ୍ୟପଟେ ବେସରକାରୀ ଭାବେ ବିକ୍ରି ନ ହୋଇ ପଡ଼ି ରହିଥିବା ଧାନ ପରିମାଣ ଆହୁରି ଅଧିକ ହେବ ବୋଲି ଚାଷୀମାନେ କହିଛନ୍ତି। ସେହିପରି ଗତ ୧୫ତାରିଖରୁ ବରଗଡ଼ ଓ ପଦ୍ମପୁର ଆରଏମ୍‌ସି ଅଧୀନ ମଣ୍ଡିଗୁଡ଼ିକ ଖୋଲିଛି। ବରଗଡ଼ ଆରଏମସି ଅଧୀନ ମଣ୍ଡିଗୁଡ଼ିକୁ ଏପର୍ଯ୍ୟନ୍ତ ୨ଲକ୍ଷ ୮୦ହଜାର ୨୭୯ ପ୍ୟାକେଟ୍ ଧାନ ଆସିଛି। ସେଥିରୁ ୨ଲକ୍ଷ ୭୮ହଜାର ୭୩୨ପ୍ୟାକେଟ୍ ଉଠିଛି। ଏଠାରେ ଆଉ ମାତ୍ର ୧୫୪୭ ପକେଟ୍ ଧାନ ବିକ୍ରି ଅପେକ୍ଷାରେ ରହିଛି। ଗୁରୁବାର କେବଳ ଉକ୍ତ ଆରଏମ୍‌ସି ଅଧୀନ ମଣ୍ଡିଗୁଡ଼ିକୁ ୧ଲକ୍ଷ ୨୧ହଜାର ୭୨୨ପ୍ୟାକେଟ୍ ଧାନ ପହଞ୍ଚିଥିବାବେଳେ ୧ଲକ୍ଷ ୨୧ହଜାର ୪୧୬ ପ୍ୟାକେଟ୍ ଧାନ ଉଠାଯାଇଛି ବୋଲି ଆର୍‌ଏମ୍‌ସି ସୂତ୍ରରୁ ସୂଚନା ମିଳିଛି।


ଖୁଣ୍ଟଲିପାଲି ମଣ୍ଡିରେ ବିକ୍ରି ଅପେକ୍ଷାରେ ଧାନ।

## ଉଠାଣ ଦିନ ଏଣ୍ଟ୍ରି ହେଉଛି

“ଚାଷୀମାନେ ମଣ୍ଡିକୁ ଧାନ ଆଣୁଛନ୍ତି । ମାତ୍ର ମଣ୍ଡିକୁ ଧାନ ପ୍ରବେଶ ଦିନ ତାକୁ କାଗଜପତ୍ରରେ ଏଣ୍ଟ୍ରି କରାଯାଉନାହିଁ। ଯେଉଁଦିନ ଧାନ ଉଠୁଛି, ସେହିଦିନ ଏଣ୍ଟ୍ରି ଦେଖାଯାଉଛି। ମୁ ଗତ ୧୨ତାରିଖରେ କଳାପାଣି ମଣ୍ଡିକୁ ୨୪୩ ପ୍ୟାକେଟ୍ ଧାନ ନେଇଥିଲି। ୧୩ତାରିଖରେ ଟୋକନ ମିଳିବା ପରେ କାଗଜପତ୍ରରେ ଏଣ୍ଟ୍ରି କରିବାକୁ କହିଲି। ମାତ୍ର ବିଭାଗୀୟ କର୍ମଚାରୀ ମନା କଲେ। ୧୫ତାରିଖରେ ଧାନ ଉଠିଲା ଏବଂ ସେହିଦିନ କାଗଜାତ୍‌ରେ ଉଭୟ ଏଣ୍ଟ୍ରି, ଉଠାଣ ଦେଖାଗଲା। ଏଭଳି ଅନେକ ଚାଷୀଙ୍କ ଧାନ ମଣ୍ଡିରେ ପଡ଼ିଛି। ମାତ୍ର ତାକୁ କାଗଜପତ୍ରରେ ଏଣ୍ଟ୍ରି କରାଯାଉନାହିଁ। ଏଭଳି ଅବ୍ୟବସ୍ଥା ମଧ୍ୟରେ ମଣ୍ଡି ଗୁଡ଼ିକରେ ଧାନ କିଣାବିକା ଚାଲିଛି ।

**–ମହାଦେବ ମହାପାତ୍ର, ଚାଷୀ, କଳାପାଣି**



## ମିଲର୍ସଙ୍କ ମର୍ଜିରେ ଧାନକିଣା

“ବୁଧବାର କଳାପାଣି ମଣ୍ଡିକୁ ୯୦୦ପ୍ୟାକେଟ୍ ଧାନ ନେଇଛି। ୨ଟି ଟୋକନ ମିଳିଛି। ଗୋଟିକରେ ୪୦କୁଇଣ୍ଟାଲ ଏବଂ ଆଉ ଗୋଟିକରେ ୬୦କୁଇଣ୍ଟାଲ ବିକ୍ରି ପାଇଁ ଉଲ୍ଲେଖ ରହିଛି। ବୁଧବାରଠାରୁ ଧାନ ମଣ୍ଡିକୁ ନେଲିଣି। ହେଲେ ତାକୁ ଏପର୍ଯ୍ୟନ୍ତ ଉଠାଯାଇନାହିଁ । ମିଲର୍ସଙ୍କ ମର୍ଜିରେ ମଣ୍ଡି ଗୁଡ଼ିକରେ ଧାନ କିଣାବିକା ଚାଲିଛି। କାଁ ଭାଁ ଜଣେ, ୨ଜଣ ମିଲର୍ସ ଆସୁଛନ୍ତି ଏବଂ ଅଳ୍ପକିଛି ଧାନ କିଣୁଛନ୍ତି। ଫଳରେ ଅନେକ ଚାଷୀଙ୍କ ଧାନ ବିକ୍ରି ହୋଇ ନ ପାରି ମଣ୍ଡିରେ ପଡ଼ି ରହୁଛି। ଚାଷୀଙ୍କୁ ବସ୍ତା ମଧ୍ୟ ଦିଆଯାଉନାହିଁ। ମାଗିଲେ ଧାନକ୍ରୟ ସଂସ୍ଥା କିମ୍ବା ମିଲର୍ସ ଦେଉନାହାନ୍ତି ବୋଲି କୁହାଯାଉଛି। ଚାଷୀ ନିଜେ ବସ୍ତା କିଣି ମଣ୍ଡିକୁ ଧାନ ଆଣୁଛି ଏବଂ ସେହି ବସ୍ତାରେ ବୋଝେଇ ଧାନ ପୁଣି ମିଲ୍‌କୁ ଯାଉଛି ।

**–ଏକାଦଶିଆ ସାହୁ, ଚାଷୀ, କଳାପାଣି**



# ବାଡ଼ ଜଗିଛି, ଗଛ ଉଭାନ

**ପଦ୍ମପୁର,୧୯।୫(ଡି.ଏନ.ଏ)**

ବରଗଡ ଜିଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ସିଂହନପୁର ଠାରୁ ଗଡ଼ଭାଟି ପର୍ଯ୍ୟନ୍ତ କୁମୁଡିନାଳର ମୁଖ୍ୟ କେନାଲର ଉଭୟ ପାର୍ଶ୍ୱରେ ଗ୍ରୀନ ଇଣ୍ଡିଆ ମିଶନ ତରଫରୁ ପ୍ରାୟ ୩୨୦୦ ବୃକ୍ଷ ଚାରାରୋପଣ କରାଯାଇଥିଲା। ମାତ୍ର ପଦ୍ମପୁର ବନ ବିଭାଗ ବୃକ୍ଷରୋପଣ କଥା ଭୁଲିଯାଇ ଥିବାରୁ ଗଛଗୁଡିକ ମରିଗଲାଣି। ବୃକ୍ଷରୋପଣ ପରେ ଏହାର ରକ୍ଷଣାବେକ୍ଷଣ କରିବା ସହ ଆବଶ୍ୟକ ପାଣି, ସାର କୀଟନାଶକ ଦେବା କଥା। କିନ୍ତୁ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଜଣାପଡିଛି। ଗଛଚାରା ଲଗାଇବା ପରେ ଏହା ଚାରିପଟେ ବାଡ଼ ଦିଆଯାଇଛି। ମାତ୍ର ଏହା ଅତି ନିମ୍ନମାନର ହୋଇଥିବାରୁ ସେଗୁଡିକ ଭାଙ୍ଗିଯାଇଛି। ଫଳରେ ସେଠାରେ ଗଛର ଚିହ୍ନବର୍ଣ୍ଣ ନାହିଁ। ଏ ସମ୍ପର୍କରେ ପଦ୍ମପୁର ବନଖଣ୍ଡ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମହନ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଆମେ ପୁଣି ଥରେ ଗଛ ଲଗାଇବୁ ଏବଂ ପାଣି ଦେବା ବ୍ୟବସ୍ଥା କରିବୁ ବୋଲି କହିଥିଲେ।


କେନାଲ ଉଭୟ ପାର୍ଶ୍ୱରେ ଥିବା ବାଡ଼।

**ରକ୍ଷଣାବେକ୍ଷଣ କରିବାକୁ ଭୁଲିଗଲା ବନ ବିଭାଗ**

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ମୃତ

**ନୂଆପଡ଼ା ଅଫିସ,୧୯।୫**

ନୂଆପଡା ଜିଲା ଧାମନପୁରି ଛକ ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ମୟୂରଭଞ୍ଜ ଜିଲାର ଜୟନ୍ତ କୁମାର ନାଏକ (୫୭) ବୋଲି ଜଣା ପଡିଛି। ସେ କୋମନା ବ୍ଲକ କୁରମୁପୁରି ବିଦ୍ୟୁତ୍ ସେକସନର କାର୍ଯ୍ୟ କରୁଥିଲେ। ସୂଚନା ଯେ, କୁରୁମପୁରିରୁ କାମ ସାରି ଜୟନ୍ତ ଏକ ବାଇକ୍ (ନଂ. ଓଡି–୧୭ଏ–୨୧୨୯) ଯୋଗେ ନୂଆପଡାକୁ ଫେରୁଥିଲେ। ୩୫୩ ନଂ. ଜାତୀୟ ରାଜପଥ ଧାମନପୁରି ଛକଠାରେ ନୂଆପଡା ପଟରୁ ଆସୁଥିବା ଅନ୍ୟ ଏକ ବାଇକ୍ (ନଂ.ଓଡି୨୬ସି–୭୪୨୫) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟ ବାଇକ୍ ଆରୋହୀ ରାସ୍ତାରେ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରୁଥିଲେ। ଖବର ପାଇ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଜୟନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ଦୁଇ ଜଣଙ୍କ ପରିଚୟ ଜଣାପଡ଼ି ନାହିଁ। ସଦର ଟାଉନ ଥାନା ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି।










ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୦ ମେ, ୨୦୨୨



## ଆଜି କ'ଣ କେଉଁଠି

### ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର

ସମ୍ବଲପୁର,୧୯।୫(ବ୍ୟୁରୋ): ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର ଗୁରୁବାର ସମ୍ବଲପୁର ସେଣ୍ଟ ଜନ୍ ସ୍କୁଲ ପଡିଆରେ ଶୁଭାରମ୍ଭ ହୋଇଛି। ସ୍କୁଲ ଅଧକ୍ଷ ଫାଦର ଅନିଲ କୁଜୁରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସ୍କୁଲରେ ଅଧ୍ୟୟନରତ ୧୦୪ ଜଣ ଜିଲା ଅନ୍ୱେଷା ଛାତ୍ରୀଛାତ୍ରଙ୍କୁ ମାର୍ଶଲ ଆର୍ଟ ସମେତ କୁସ୍ତି, ଜୁଡୋ ପ୍ରଶିକ୍ଷଣ ଦିଆଯାଉଛି। ଏହାଦ୍ୱାରା ଛାତ୍ରୀଛାତ୍ର ଆତ୍ମରକ୍ଷା କୌଶଳ ବିଷୟରେ ପ୍ରଶିକ୍ଷଣ ପାଇପାରିବେ ବୋଲି ସ୍କୁଲ ଅଧକ୍ଷ ସୂଚିତ କରିଛନ୍ତି। ସମ୍ବଲପୁର ବିନାଖଣ୍ଡିସ୍ଥିତ ସାଓଲିନ କୁଂପୁ ଉସୁ ଆସୋସିଏଶନ ମୁଖ୍ୟ ପ୍ରଶିକ୍ଷକ ସୁବାସ ଚନ୍ଦ୍ର ବେହେରା ଓ ପ୍ରଶିକ୍ଷିକା ଗାୟତ୍ରୀ ମିଶ୍ର ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

### ୬ଘଣ୍ଟା ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ

**ସମ୍ବଲପୁର,୧୯।୫(ବ୍ୟୁରୋ):** ସମ୍ବଲପୁର ସହରସ୍ଥିତ ୩୩/୧୧କେଭି ପୁଟିବନ୍ଧ ଗ୍ରୀଡ ସବଷ୍ଟେଶନରେ ଜରୁରିକାଳୀନ ରକ୍ଷଣାବେକ୍ଷଣ କାର୍ଯ୍ୟ ସକାଶେ ଶୁକ୍ରବାର ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏଥିରେ ସମ୍ବଲପୁର ପୂର୍ବ ବିଦ୍ୟୁତ ଡିଭିଜନ ଅଧିନସ୍ଥ ଧନୁପାଲି, ମାନେଶ୍ୱର, ସିନ୍ଦୁରପଙ୍କ, କୁଲୁଥକାନି, ଭୁତାପଡା, ଜେଲ ଛକ, ଜିଲାସ୍କୁଲ ଛକ, ସାକ୍ଷୀପଡା, ବୃନ୍ଦହିଲ, ଗୋରବଜାର ପ୍ରଭୃତି ଅଞ୍ଚଳ ପ୍ରଭାବିତ ହେବ। ଗ୍ରାହକମାନେ ସହଯୋଗ କରିବାକୁ ଟିପିଡବ୍ଲୁଓଡିଏଲ କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି। ଗୁରୁବାର ଏ ନେଇ କମ୍ପାନୀର ମୁଖ୍ୟ କର୍ପୋରେଟ କମ୍ୟୁନିକେଶନ ଓ ସହକାରୀ ସମ୍ପର୍କ ଅଧିକାରୀ ମନୋଜ ପଟ୍ଟନାୟକ ପ୍ରେସ ବିବୃତିରେ ସୂଚିତ କରିଛନ୍ତି।

### ପାଣି ମୋଟର ଚୋରି

**କୁତ୍ରା, ୧୯।୫ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ କୁରୁଙ୍ଗା ଗଉଁଡିଆ ପଡାଠାରେ ଜିଲା ଖଣିଜ ପ୍ରତିଷ୍ଠାନ ତରଫରୁ ନିର୍ମାଣ ହୋଇଥିବା ଉଠା ଜଳସେଚନ ପ୍ରକଳ୍ପର ଦୁଇ ନମ୍ବର ପାଣି ମୋଟରକୁ କେହି ଦୁର୍ବୃତ୍ତ ଚୋରିକରି ନେଇଯାଇଥିବା ଜଣାପଡିଛି। ଏହା ଜଣାପଡିବା ପରେ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଥାଉକି ଉକ୍ତ ଜଳସେଚନ ପ୍ରକଳ୍ପଟିର ନିର୍ମାଣ ହୋଇଥିଲେ ହେଁ ଏପର୍ଯ୍ୟନ୍ତ କାହାରିକୁ ହସ୍ତାନ୍ତର ହୋଇନାହିଁ। ହସ୍ତାନ୍ତର ହୋଇ ନ ଥିଲେ ହେଁ ଏଭଳି ଚୋରି ଘଟଣାକୁ ବର୍ତ୍ତମାନ ନିନ୍ଦା କରାଯାଇଛି। ଏଠାରୁ ୪୦ ହେକ୍ଟର ଜମିକୁ ପାଣି ଯିବାର ସୁବିଧା ଥିବା ବେଳେ ଏହାର ବ୍ୟୟ ଅଟକଳ ମୂଲ୍ୟ ରହିଛି ୯୫.୯୮ ଲକ୍ଷ।

### ହକରଙ୍କୁ ପରିଚୟପତ୍ର ପ୍ରଦାନ

**ସୁନ୍ଦରଗଡ଼, ୧୯।୫(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲାର ପଞ୍ଜୀକୃତ ଖବରକାଗଜ ହକରମାନଙ୍କୁ ମଙ୍ଗଳବାର ପରିଚୟପତ୍ର ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ୨୦ ଜଣ ହକରଙ୍କୁ ଜିଲା କାର୍ଯ୍ୟାଳୟଠାରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ପରିଚୟପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ବିଭାଗୀୟ କର୍ମଚାରୀ ତଥା ଖବରକାଗଜ ହକରମାନଙ୍କ ମଧ୍ୟରେ ଲାଲ ଶଙ୍କର ପତି, ସମୀର ଜୟପୁରିଆ, ଶୁଭେନ୍ଦୁ ସାହୁ, ପ୍ରଶାନ୍ତ ରଥ, ୟାକୁବ ତିର୍କୀ, ବିକାଶ ସାହୁ, ସୁଶାନ୍ତ ମଗର, ଦିଲ୍ଲୀପ ସରେନ, ରିତେଶ ସାହୁ, କୃଷ୍ଣ ବଞ୍ଛୋର୍ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ସୁନ୍ଦରଗଡ଼ରେ ମୋଟ ୧୧୦ ଜଣ ଖବରକାଗଜ ହକର ପଞ୍ଜୀକୃତ ଅଛନ୍ତି ଏବଂ ପୂର୍ବରୁ ସେମାନଙ୍କୁ କୋଭିଡ ସହାୟତା ବାବଦକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ତଥା ସେମାନଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ମଧ ଅନ୍ତର୍ଭୁକ୍ତ କରାଯାଇଛି।

# ସୁନ୍ଦରଗଡ଼ରେ ଓମ୍ୱାଡ୍ସିର ଓଭରସାଇଟ ଅଥରିଟି

- ଦ୍ୱିତୀୟ ଦିନରେ ଜିଲାର ବିଭିନ୍ନ ସ୍ଥାନରେ ଉନ୍ନୟନ ପ୍ରକଳ୍ପ ବୁଲି ଦେଖିଲେ
- ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଷ୍ଟାଫ କ୍ୱାର୍ଟର୍ସ ଉଦ୍‌ଘାଟନ
- କୁଆଁରମୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ଗୋଷ୍ଠୀ ସମ୍ବଳ କେନ୍ଦ୍ରର ଶୁଭାରମ୍ଭ କଲେ

**ସୁନ୍ଦରଗଡ଼, ୧୯।୫(ଡି.ଏନ.ଏ.)**

ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ଓଡ଼ିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମର (ଓମ୍ୱାଡ୍ସି) ଓଭରସାଇଟ ଅଥରିଟି ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକ ତିନିଦିନିଆ ସୁନ୍ଦରଗଡ଼ ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା କରୁଛନ୍ତି। ଗସ୍ତର ଦ୍ୱିତୀୟ ଦିନରେ ଗୁରୁବାର ସେ ଓମ୍ୱାଡ୍ସିର ଆର୍ଥିକ ସହାୟତାରେ ସୁନ୍ଦରଗଡ଼ର ବଡ଼ଗାଁ, ରାଜଗାଙ୍ଗପୁର, କୁଆଁରମୁଣ୍ଡା ବ୍ଲକରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ। ଗୁରୁବାର ପୂର୍ବାହ୍ନରେ ସେ ପ୍ରଥମେ ସୁନ୍ଦରଗଡ଼ ସଦର ମହକୁମାସ୍ଥିତ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଭର୍ଚୁଆଲ କ୍ଲାସ ପାଇଁ ରହିଥିବା ଅତ୍ୟାଧୁନିକ ଷ୍ଟୁଡିଓ ବୁଲି ଦେଖିବା ସହ ସେଠାରେ ସ୍ମାର୍ଟ କ୍ଲାସ ପ୍ରସ୍ତୁତ କରୁଥିବା ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ଷ୍ଟୁଡିଓରୁ ବିଭିନ୍ନ ସ୍କୁଲକୁ ଭି–ସାଟ ଲିଙ୍କ ଜରିଆରେ ଯୋଡ଼ାଯାଇ ସ୍ମାର୍ଟ କ୍ଲାସ ପ୍ରସ୍ତୁତ କରାଯାଉଛି। କୋଭିଡ ମହାମାରୀ ସମୟରେ ନିରନ୍ତର ଶିକ୍ଷାଦାନ କ୍ଷେତ୍ରରେ ଏହା ବିଶେଷ ସହାୟକ ହୋଇଥିଲା। ଏହି ଷ୍ଟୁଡିଓରେ ଅଭିଜ୍ଞ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଦ୍ୱାରା ଭିଡିଓ ଲେକଚର ରେକର୍ଡ କରାଯାଇ ଛାତ୍ରୀଛାତ୍ରମାନଙ୍କ ମୋବାଇଲକୁ ପହଞ୍ଚାଇ ଦିଆଯାଉଥିଲା। ଏହା ପରେ ଜଷ୍ଟିସ ପଟ୍ଟନାୟକ ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଗ୍ରାମାଞ୍ଚଳରେ ଘରେ ଘରେ ପାଇପ ଯୋଗେ ପାନୀୟଜଳ ପହଞ୍ଚାଇବା ଲାଗି ସୁନ୍ଦରଗଡ଼ ଜିଲାର


ଓମ୍ୱାଡିସି ଓଭରସାଇଟ ଅଥରିଟି ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକ, ଜିଲାପାଳ ଓ ଅନ୍ୟମାନେ।

ସମସ୍ତ ୧୭ଟି ବ୍ଲକରେ ୧୧ଟି ବୃହତ୍ତ ପାଇପ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ସେଥିମଧ୍ୟରୁ ରାଜଗାଙ୍ଗପୁର ବ୍ଲକ ଲାଇଙ୍ଗରେ ନିର୍ମାଣାଧୀନ ବୃହତ୍ତ ପାଇପ ଜଳ ଯୋଗାଣ ପ୍ରକଳ୍ପର ଅଗ୍ରଗତି ତଦାରଖ କରିଥିଲେ ଜଷ୍ଟିସ ପଟ୍ଟନାୟକ। ଏହି ପ୍ରକଳ୍ପ ଦ୍ୱାରା କୁତ୍ରା ବ୍ଲକର ୪୦, ବଡଗାଁ ବ୍ଲକର ୨୭ଟି ଓ ରାଜଗାଙ୍ଗପୁର ବ୍ଲକର ୭ଟିକୁ ମିଶାଇ ମୋଟ ୭୪ଟି ଗାଁର ୩୧ ହଜାରରୁ ଅଧିକ ପରିବାର ବିଶୁଦ୍ଧ ପାନୀୟ ଜଳ ପାଇପାରିବେ।

ସେହିପରି ରାଜଗାଙ୍ଗପୁର ବ୍ଲକ କେଶ୍ରାମାଲ ପଞ୍ଚାୟତର ଥପାବେର୍ଣ୍ଣା ଗାଁରେ କରାଯାଇଥିବା କଦଳୀ ଚାଷ ବୁଲି ଦେଖିଥିଲେ ଜଷ୍ଟିସ ପଟ୍ଟନାୟକ। ଏହା ସହ ସେଠାରେ ଚାଷୀଙ୍କ ଉତ୍ପାଦିତ ଫସଲର ସଂରକ୍ଷଣ ପାଇଁ କରାଯାଇଥିବା ୫ ମେଟ୍ରିକ ଟନ ବିଶିଷ୍ଟ ସୌରଚାଳିତ ଶୀତଳଭଣ୍ଡାର ମଧ ପରିଦର୍ଶନ କରିଥିଲେ। ରାଜ୍ୟ ସରକାରଙ୍କ '୫–ଟି' ଉପକ୍ରମ ଅଧୀନରେ ସୁନ୍ଦରଗଡ଼ ଜିଲାର ସମସ୍ତ ସରକାରୀ ହାଇସ୍କୁଲର ରୂପାନ୍ତରଣ କରାଯାଉଛି। ସ୍ମାର୍ଟ କ୍ଲାସରୁମ, ଉନ୍ନତ ବିଜ୍ଞାନାଗାର, କମ୍ପ୍ୟୁଟର ଲ୍ୟାବ, ଲାଇବ୍ରେରି ଓ ରିଡିଂ ରୁମ, ଖେଳ ପଡ଼ିଆ ବିକାଶ ଓ କ୍ରୀଡ଼ା ଉପକରଣ ସହ ସ୍ୱଚ୍ଛ ଶୌଚାଳୟର ସୁବିଧା ଦିଆଯାଇ ହାଇସ୍କୁଲର ଶିକ୍ଷା ପରିବେଶକୁ ଅଧିକ ଆକର୍ଷଣୀୟ କରାଯାଉଛି। ଜଷ୍ଟିସ ପଟ୍ଟନାୟକ କୁଆଁରମୁଣ୍ଡା ବ୍ଲକ କୁମଝରିଆ ସରକାରୀ ହାଇସ୍କୁଲର ରୂପାନ୍ତରିତ ଭିତ୍ତିଭୂମି ବୁଲି ଦେଖିବା ସହ ନିଜର ଖୁସି ବ୍ୟକ୍ତ କରିଥିଲେ। କୁଆଁରମୁଣ୍ଡା ବ୍ଲକ ସଦରରେ ଥିବା 'ଉତ୍କଳ କିଚେନ' ପରିଦର୍ଶନ କରିଥିଲେ। ଓଡ଼ିଶା ଜୀବିକା ମିଶନ ଅଧୀନରେ ଚାଲିଥିବା 'ଷ୍ଟାର୍ଟଅପ ଭିଲେଜ ଅନ୍ତ୍ରପ୍ରିନିୟରସିପ ପ୍ରୋଗ୍ରାମ' ଜରିଆରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଇ ସେମାନଙ୍କୁ ଟେଲରିଂ ଶପ, ଜେରକ୍ସ ଶପ, ବିଉଟି ପାର୍ଲର ଭଳି ବିଭିନ୍ନ ପ୍ରକାର ବ୍ୟବସାୟ କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି। ସେହିପରି ଆଜୀବିକା ଗ୍ରାମୀଣ ଏକ୍ସପ୍ରେସ ଯୋଜନାରେ ଏସଏଚ୍‌ଜି ମହିଳାମାନଙ୍କୁ ୩ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। କୁଆରମୁଣ୍ଡା ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ ଜଷ୍ଟିସ ପଟ୍ଟନାୟକ। ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକ ନିଜର ତିନିଦିନିଆ ସୁନ୍ଦରଗ ଜିଲା ଗସ୍ତର ପ୍ରଥମ ଦିନ ବୁଧବାରରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବୁଲି ଦେଖିବା ସହ ଜିଲାର ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଥିଲେ। ଗୁରୁବାର ଏହି ପରିଦର୍ଶନ ସମୟରେ ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକଙ୍କ ସହିତ ଓମ୍ୱାଡ୍ସି ସିଇଓ ଜି. ରାଜେଶ, ସ୍ୱତନ୍ତ୍ର ଅଧିକାରୀ ଶେଖ ନଇମୁଦ୍ଦିନ ଏବଂ ଦ୍ୱୈପାୟନ ପଟ୍ଟନାୟକ, ଓମ୍ୱାଡ୍ସିର ଜେନେରାଲ ମ୍ୟାନେଜର (ପ୍ରଶାସନ) ସୁଧାକର ବୁର୍ଗି, ଜେନେରାଲ ମ୍ୟାନେଜର (ଅପରେସନ) ଜୟନ୍ତ କୁମାର ଦାସ, କନସଲଟାଣ୍ଟ ପାର୍ଥ ମହାନ୍ତି ଏବଂ ଟିମ ଲିଡର ଅମ୍ବୁଜ ପ୍ରସାଦ ସାମିଲ ଥିଲେ। ଗସ୍ତ ବେଳେ ସୁନ୍ଦରଗଡ଼ ପ୍ରଶାସନ ପକ୍ଷରୁ ଜିଲାପାଳ ନିଖିଲ ପବନ କଲ୍ୟାଣ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର, ଡିଏମ୍‌ଏଫ ସିଇଓ ରିତା ଡାଙ୍ଗ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ଜିଲା ଉଦ୍ୟାନ କୃଷି ନିର୍ଦ୍ଦେଶକ୍ ସ୍ୱଦେଶ କୁମାର ଚୌଧୁରୀ, ଜୀବିକା ମିଶନର ଡିପିଏମ ସାମୁଏଲ ଟପ୍ପୋ ଏବଂ ଓମ୍ୱାଡ୍ସି ଓ ଡିଏମଏଫ୍ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବଡ଼ଗାଁ ଡାକ୍ତରଖାନାର ଷ୍ଟାଫ କ୍ୱାର୍ଟର୍ସ, ଭୌତିକ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ

**ବଡ଼ଗାଁ, ୧୯।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନବନିର୍ମିତ ଷ୍ଟାଫ କ୍ୱାର୍ଟର୍ସ ଓ ଭୌତିକ ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଗୁରୁବାର ପୂର୍ବାହ୍ନରେ ଓମ୍ୱାଡ଼ିସିର ଅଧିକାରୀ ଜଷ୍ଟିସ ଏ.କେ. ପଟ୍ଟନାୟକ, ଓମ୍ୱାଡ଼ିସିର ସିଇଓ ଜି. ରାକେଶ, ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ, ସିଡିଏମଓ ସରୋଜ କୁମାର ମିଶ୍ର, ପିଡିଡିଆରଡିଏ ଭୈରବ ସିଂ ପଟେଲ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଜଷ୍ଟିସ ପଟ୍ଟନାୟକ ନବନିର୍ମିତ ୬ଟି ଡ଼ି ଟାଇପ, ୪ଟି ଇ ଟାଇପ କ୍ୱାର୍ଟର୍ସ ଓ ଭୌତିକ ଚିକିତ୍ସା କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଜଷ୍ଟିସ ପଟ୍ଟନାୟକ, ଭୌତିକ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି ହୋଇଥିବା ରୋଗୀମାନଙ୍କୁ ପଚାରିବୁଝିଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ଡକାଯାଇ ନ ଥିବାବେଳେ ସ୍ଥାନୀୟ ବରିଷ୍ଠ ନାଗରିକମାନେ ଅଧିକାରୀମାନଙ୍କୁ ଡାକ୍ତରଖାନାର ସମସ୍ୟା ଉପରେ କହିବାବେଳେ ଅଧିକାରୀମାନେ ସମସ୍ୟା ନ ଶୁଣି ଏଡି ଚାଲିଯାଇଥିଲେ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ବଡ଼ଗାଁ ଡାକ୍ତରଖାନାରେ ଡାକ୍ତର ଅନୁପସ୍ଥିତ ରହୁଥିବା ଓ ଅବ୍ୟବସ୍ଥା ଉପରେ ବଡ଼ଗାଁ କ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନଙ୍କ ସହିତ କେତେକ ଗ୍ରାମବାସୀ ୧୫ ଦିନ ପୂର୍ବେ ସିଡିଏମଓ ସରୋଜ କୁମାର ମିଶ୍ରଙ୍କୁ ସାକ୍ଷାତ କରି ଜଣାଇଥିଲେ।

## ଗୋଷ୍ଠୀ ସମ୍ବଳକେନ୍ଦ୍ର ଉଦଘାଟନ ସହ ଉତ୍କଳ କିଚେନ୍ ବୁଲି ଦେଖିଲେ ଓମବାଡସି ଟିମ୍

**କୁଆଁରମୁଣ୍ଡା,୧୯।୫(ଡି.ଏନ.ଏ)**

ଅପରାହ୍ନ ସାଢେ ୫ଟାରେ କୁଆଁରମୁଣ୍ଡା ବ୍ଲକର ପ୍ରଥମେ କୁଝରିଆ ସ୍କୁଲ ପରିଦର୍ଶନ ପରେ ଓମବାଡସି ଟିମ୍ କୁଆଁରମୁଣ୍ଡା ବ୍ଲକ ପରିସରରେ ନବ ନିର୍ମିତ ସମନ୍ୱିତ ଶିଶୁ ବିକାଶ ବିଭାଗର ଗୋଷ୍ଠୀ ସମ୍ବଳ କେନ୍ଦ୍ରକୁ ଟିମ୍ ମୁଖ୍ୟ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଏ.କେ. ପଟ୍ଟନାୟକ ଫିତାକାଟି ଉଦଘାଟନ କରିଛନ୍ତି। ଏହାପରେ ବ୍ଲକ ପରିସରରେ ଥିବା ମହିଳା ଏସଏଚଜି ଦ୍ୱାରା ପରିଚାଳିତ ଉତ୍କଳ କିଚେନକୁ ବୁଲି ଦେଖିଥିଲେ। ସେଠାରେ ସ୍ୱୟଂ ସହାୟିକା ସଙ୍ଗଠନର ମହିଳାମାନଙ୍କ ସହ ସେମାନଙ୍କର ରୋଜଗାର ସମ୍ପର୍କରେ ପଚାରି ବୁଝି ଖୁସି ହୋଇଥିଲେ। ଏପରିକି ଉତ୍କଳ କିଚେନ୍‌ରେ ତିଆରି ଖାଦ୍ୟର ମାନ କିଭଳି ତାହା ଜାଣିବା ପାଇଁ ଚାହା, ବରା ଇତ୍ୟାଦି ଜଳପାନ କରିଥିଲେ। ଜୀବିକା ମିଶନ ଦ୍ୱାରା ପରିଚାଳିତ ଏହିଭଳି ଏସ୍‌ଏଚଜି ଗ୍ରୁପର ଅନ୍ୟମହିଳାମାନଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲାପାଳ ନିଖିଳ ପଓନ କଲ୍ୟାଣ, ପିଡିଡିଆରଡିଏ ଭୈରବସିଂ ପଟେଲ, ବିଡିଓ ବିକାଶ ଚନ୍ଦ୍ର ସାହୁ, ଜିଲା ଜୀବିକା ମିଶନର ଶାଖା ପ୍ରବନ୍ଧକ ସାମୁଏଲ ଏକ୍କା, କୁଆଁରମୁଣ୍ଡା ବ୍ଲକ ଓଏଲ୍‌ଏମ ବିପିଏମ ପ୍ରସନ୍ନ କୁମାର ମୋଦି, ରଶ୍ମିତା ବେହେରା, ବ୍ଲକ ଏଇଇ ଚୈତନ୍ୟ ହେମ୍ବ୍ରମ, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ମଶାନ ଘାଟ ସ୍ଥାନାନ୍ତର ପାଇଁ ଉପଜିଲାପାଳଙ୍କୁ ଦାବିପତ୍ର

**କୁଚିଣ୍ଡା,୧୯।୫(ଡି.ଏନ.ଏ.)**

ବାମରା ବାଘମରା ଘାଟିରେ ରହିଥିବା ଶ୍ମଶାନଘାଟ ଓ ପ୍ରତୀକ୍ଷାଳୟ ଭଙ୍ଗା ଘଟଣାକୁ ନେଇ ରାଜନୀତି ତେଜିବାରେ ଲାଗିଛି। ସପକ୍ଷବାଦୀ ଓ ବିପକ୍ଷବାଦୀ ମଧ୍ୟରେ ଚାଲିଥିବା ବାକ୍‌ଯୁଦ୍ଧ ଏବେ ପ୍ରଶାସନ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ଡୁମ୍ବେରମୁଣ୍ଡା ମୌଜାରେ ରହିଥିବା ଏହି ଶ୍ମଶାନ ଘାଟରେ ଗୋବିନ୍ଦପୁର ବାସୀ ଶବ ଦାହ କରିଆସୁଥିବା ବେଳେ ଗତ ୨ତାରିଖ ରାତିରେ ଏହି ଶ୍ମଶାନ ଘାଟ ଓ ପ୍ରତୀକ୍ଷାଳୟକୁ କେତେକ ବ୍ୟକ୍ତି ଜେସିବି ଲଗାଇ ଭାଙ୍ଗି ଦେଇଥିଲେ। ଏହାକୁ ବିରୋଧ କରି ଗୋବିନ୍ଦପୁର ବାସିନ୍ଦା ପ୍ରଶାସନର ଦ୍ୱାରସ୍ଥ ହୋଇ ଗୋବିନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରିଥିଲେ ହେଁ କୌଣସି ଗିରଫଦାରି କରି ନ ଥିଲା। ଏହାର କିଛିଦିନ ପରେ ଭଙ୍ଗାଯାଇଥିବା ସ୍ଥାନରେ ପୁଣି ଗୋବିନ୍ଦପୁରବାସୀ ନିଜସ୍ୱ ଖର୍ଚ୍ଚରେ ଶ୍ମଶାନ ଘାଟ ଓ ପ୍ରତୀକ୍ଷାଳୟ ନିର୍ମାଣ ଆରମ୍ଭ କରିଛନ୍ତି। ଏହାକୁ ବିରୋଧକରି ଅନ୍ୟ ଗୋଷ୍ଠୀ ଗୁରୁବାର କୁଚିଣ୍ଡା ଉପଜିଲାପାଳ ଆଦିତ୍ୟ ଗୋଏଲଙ୍କୁ ଦାବିପତ୍ର ଦେଇଛନ୍ତି। ଶ୍ମଶାନ ଘାଟ ନିମାଣ ବନ୍ଦ କରି ସ୍ଥାନାନ୍ତର କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।


ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

## ଗୋଷ୍ଠୀ ସଂଘର୍ଷ, ଥାନାରେ ମାମଲା

**ଜମନକିରା,୧୯।୫(ଡି.ଏନ୍.ଏ.)**

ଜମନକିରା ଥାନା ଖର୍ସନମାଲ ପଞ୍ଚାୟତର ହଳଦୀବାହଲ ଗ୍ରାମ ଚନ୍ଦନ ଯାତ୍ରାରେ ଗୋଷ୍ଠୀ ସଂଘର୍ଷ ଘଟି ୧୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବୁଧବାର ପ୍ରତିବର୍ଷ ପରି ଚଳିତବର୍ଷ ଗ୍ରାମ୍ୟ କମିଟି ପକ୍ଷରୁ ଚନ୍ଦନ ଯାତ୍ରା ଆୟୋଜିତ ହୋଇଥିଲା। ରାତିରେ ଯାତ୍ରା ଚାଲିଥିବା ବେଳେ ଗ୍ରାମର ଚାରି ପରିବାର ଓ ଗ୍ରାମ୍ୟ କମିଟି ସଦସ୍ୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଗ୍ରାମ୍ୟ କମିଟି ଅଭିଯୋଗ କ୍ରମେ ଗ୍ରାମର କେତେଜଣ ବ୍ୟକ୍ତି ଗଣ୍ଡଗୋଳ କରିବାରୁ ଏହାକୁ ସେମାନେ ବାରଣ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ ବ୍ୟକ୍ତିମାନେ ଭୁଜାଲି ଓ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଫଳରେ କମିଟି ସଦସ୍ୟଙ୍କ ମଧ୍ୟରେ ସୁଦର୍ଶନ ବାଦଲି, ସହଦେବ ସିଂ, ନୀଲାଞ୍ଚଳ ଛୁରା, ଦୁଷ୍ମନ୍ତ ଭୋଇ ଆହତ ହୋଇ ସମ୍ବଲପୁର ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଅପରପକ୍ଷର ଅଭିଯୋଗକ୍ରମେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯାତ୍ରା କମିଟିର କେତେଜଣ ସଦସ୍ୟ ରାତି ପ୍ରାୟ ସାଢ଼େ ୧୨ଟାରେ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏଥିରେ ୫ରୁ ଉର୍ଦ୍ଧ୍ୱ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଏ ନେଇ ଥାନାରେ ୨ଟି ମାମଲା ରୁଜୁ ହୋଇଥିବା ବେଳେ କାହାରିକୁ ଗିରଫ କରାଯାଇ ନ ଥିବା ଗୌଡ଼ପାଳି ଫାଣ୍ଡି ଅଧିକାରୀ ସୁଧିର ମହାକୁଲ ସୂଚନା ଦେଇଛନ୍ତି।

## କାର ଚାଳକ ଗିରଫ: ୭ ଲକ୍ଷ ଟଙ୍କା ଜବତ

**ସୁନା ବ୍ୟବସାୟୀଙ୍କଠାରୁ ଚୋରିକରି ପଳାଉଥିଲେ**

**ଦେବଗଡ଼,୧୯।୫(ଡି.ଏନ୍.ଏ.)**

ପଶ୍ଚିମବଙ୍ଗର ଜଣେ ସୁନା ବ୍ୟବସାୟୀଙ୍କଠାରୁ ୭ଲକ୍ଷ ୧୦ ହଜାର ଟଙ୍କା ଚୋରି କରି ପଳାଉଥିବାବେଳେ ଜଣେ ଡ୍ରାଇଭର ଦେବଗଡ଼ ପୋଲିସ ଦ୍ୱାରା ଗିରଫ ହୋଇଛି। ତାଙ୍କ ନାମ ମୁକୁଳ ସନ୍ତୋଷ ଦାଶ।

ସୂଚନା ଅନୁଯାୟୀ ପଶ୍ଚିମବଙ୍ଗ ମିଦନାପୁର ଅଞ୍ଚଳର ନିର୍ମଳ ଚନ୍ଦ୍ର ସେନ ନାମକ ଜଣେ ସୁନା ବ୍ୟବସାୟୀ ବୁଧବାର ୭ଲକ୍ଷ ଟଙ୍କା ନେଇ ଏକ କାର ନଂ. ଏମ୍‌ଏଚ୍ ୦୩–ଏଏଚ୍ ୫୦୦୫ ଯୋଗେ ମୁମ୍ବାଇରୁ ଫେରୁଥିଲେ। ମାତ୍ର ରାତି ହୋଇଯିବାରୁ ସେ ଦେବଗଡ଼ ଥାନା ଅନ୍ତର୍ଗତ କୈଳାଶ ନିକଟସ୍ଥ ୪୯ନଂ. ଜାତୀୟ ରାଜପଥ କଡରେ ଥିବା ଏକ ଢାବା ନିକଟରେ କାର ଅଟକାଇବା ସହ ଖିଆପିଆ ସାରି କାର ମଧ୍ୟରେ ଶୋଇ ପଡ଼ିଥିଲେ। ଗୁରୁବାର ପ୍ରତ୍ୟୁଷରେ ନିର୍ମଳ ନିଦରୁ ଉଠି ଦେଖିବାବେଳକୁ କାର ଚାଳକ ଏବଂ କାରରେ ଥିବା ୭ ଲକ୍ଷ ୧୦ ହଜାର ଟଙ୍କା ଉଭାନ ହୋଇଯାଇଛି। ଏନେଇ ନିର୍ମଳ ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହ ତୁରନ୍ତ କାର ଚାଳକଙ୍କ ମୋବାଇଲ ଟ୍ରାକିଂ କରି ତାଙ୍କୁ ପିଛା କରିଥିଲା। ବାରକୋଟ ଥାନା ଅନ୍ତର୍ଗତ କଳା ଟୋଲ୍ ଗେଟ ନିକଟରୁ ତାଙ୍କୁ ଗିରଫ କରି ଦେବଗଡ଼ ଥାନାକୁ ଆଣିଥିଲା। ଏଥିସହ ତାଙ୍କ ନିକଟରୁ ବ୍ୟବସାୟୀଙ୍କର ୭ ଲକ୍ଷ ୧୦ ହଜାର ଟଙ୍କା ଜବତ କରିଥିବା ଜଣାପଡ଼ିଛି। ମୁକୁଳ ସନ୍ତୋଷ ଜଣେ ଟ୍ୟାକ୍ସି ଡ୍ରାଇଭର ଭାବେ ମୁମ୍ବାଇରେ କାର୍ଯ୍ୟ କରୁଥିଲେ। ଆବଶ୍ୟକତା ଦୃଷ୍ଟିରୁ ନିର୍ମଳ ତାଙ୍କୁ ପେଡ୍ ଡ୍ରାଇଭର ଭାବେ ସାଙ୍ଗରେ ନେଇ ପଶ୍ଚିମବଙ୍ଗ ଯାଉଥିଲେ।



## ଡ୍ରେନ୍, ପାଇପ୍ ପାଣି ଯୋଗୁ ରାସ୍ତାରେ ଗର୍ତ୍ତ

**ମ.ରାମପୁର,୧୯।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ସହର ଦେଇ ଯାଇଥିବା ରାଜ୍ୟ ରାଜପଥ ୬ ତଥା ମୁଖ୍ୟ ସଡକ ଉପରେ ପାନୀୟ ପାଇପ ଜଳ ଯୋଗାଣର ଫଟା ପାଇପରୁ ପାଣି ନିର୍ଗତ ହୋଇ ଜମି ରହୁଛି। ଏହା ବାଦ୍ ରାସ୍ତାର ଉଭୟ ପାର୍ଶ୍ୱ ଡ୍ରେନ ପୋତି ହୋଇଥିବାରୁ ସାହି ବସ୍ତିର ପାଣି ମୁଖ୍ୟ ଡ୍ରେନରେ ଯାଇପାରୁନାହିଁ। ଏଥିଯୋଗୁ ରାସ୍ତାରେ ପାଣି ଜମୁଛି। ଜମି ଯାଉଥିବା ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି।

## ଏନ୍‌ଟିପିସି ପକ୍ଷରୁ ବାଳିକା ସଶକ୍ତୀକରଣ ମିଶନ ଉଦ୍‌ଘାଟିତ

**ସୁନ୍ଦରଗଡ଼,୧୯।୫(ଡି.ଏନ.ଏ.)**

ଏନଟିପିସି ଦର୍ଲିପାଲି ପକ୍ଷରୁ ବାଳିକା ସଶକ୍ତିକରଣ ମିଶନ–୨୦୨୨ ଉଦଘାଟିତ ହୋଇଛି। ଏହି ଅବସରରେ ଆୟୋଜିତ ଏକ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ ଏସ୍‌ପି ସାଗରିକା ନାଥ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏସ୍‌ପି ନାଥ ବାଳିକାମାନଙ୍କ ସହିତ ଆଲୋଚନା କରି ବାଳିକା ଶିକ୍ଷାର ଆବଶ୍ୟକତା ଓ ବାଳିକାମାନେ ଦୃଢ ଆତ୍ମବିଶ୍ୱାସର ସହ ସାମାଜିକ ଦକ୍ଷତାର ବିକାଶରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି। ଏନ୍‌ଟିପିସି ଦର୍ଲିପାଲିର ଜିଜିଏମ ଏହି କର୍ମଶାଳାର ଆବଶ୍ୟକତା ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ପ୍ରକଳ୍ପର ଆଖପାଖ ଦର୍ଲିପାଲି, ରାଏଡିହି,ଓ ଲଇକେରା ଅଞ୍ଚଳର ପ୍ରଥମ ବ୍ୟାଚର ୪୦ ବାଳିକାଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରାୟ ୪ସପ୍ତାହ ଧରି ଚାଲିବାକୁ ଥିବା ଏହି କର୍ମଶାଳାରେ ବିଶେଷକରି ବାଳିକାଙ୍କର ସାମଗ୍ରିକ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ରଖାଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଏଡିହି ସରପଞ୍ଚ ଇଲାବତୀ ମାଝୀଙ୍କ ସମେତ ଏନଟିପିସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ବାଳିକା ଓ ଅନ୍ୟମାନେ।

## କୁମଝରିଆ ସ୍କୁଲର ସ୍ୱଚ୍ଛତା, ଶୈକ୍ଷିକ ପରିବେଶ ସର୍ବୋତ୍କୃଷ୍ଟ: ଜଷ୍ଟିସ୍ ପଟ୍ଟନାୟକ

**କୁଆଁରମୁଣ୍ଡା,୧୯।୫(ଡି.ଏନ.ଏ)**

ଗୁରୁବାର ଅପରାହ୍ନରେ ଭାରତର ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଏ.କେ.ପଟ୍ଟନାୟକ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର କୁମଝରିଆ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଓମବାଡସି ଯୋଜନାରେ ହୋଇଥିବା କାର୍ଯ୍ୟଗୁଡିକୁ ବୁଲି ଦେଖିଥିଲେ। ଏହି ସମୟରେ ସ୍ମାର୍ଟ କ୍ଲାସ ରୁମ୍, ଆଇସିଟି ହଲ୍, କମ୍ପ୍ୟୁଟର କେନ୍ଦ୍ର ସହ ଡିଜିଟାଲ ଶିକ୍ଷାଦାନ ସମ୍ପର୍କରେ ଉଭୟ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ଠାରୁ ପଚାରି ବୁଝିବା ସହ ପିଲାମାନଙ୍କୁ ଡିଜିଟାଲ ଶିକ୍ଷା ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରି ଅତ୍ୟନ୍ତ ଖୁସି ବ୍ୟକ୍ତ କରିଛନ୍ତି। ସେହିପରି ପିଲାମାନେ ଭବିଷ୍ୟତରେ କ'ଣ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ବିଭିନ୍ନ ପିଲାଙ୍କଠାରୁ ଜଷ୍ଟିସ୍ ପଟ୍ଟନାୟକ ପଚାରି ବୁଝିଥିଲେ।


କୁମଝରିଆ ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ଦେଖୁଛନ୍ତି ଜଷ୍ଟିସ୍ ଏ.କେ.ପଟ୍ଟନାୟକ ଓ ଅନ୍ୟମାନେ।

ଏହି ସ୍କୁଲରେ ସୁନ୍ଦରଗଡ଼ ଜିଲା ସମେତ ଝାରସୁଗୁଡା, ସମ୍ବଲପୁର ଇତ୍ୟାଦି ଅଞ୍ଚଳରୁ ପିଲାମାନେ ଆସି ପଢୁଥିବା ନେଇ ଜାଣିବା ସହ ପ୍ରାୟ ୧୧ଶହରୁ ଉର୍ଦ୍ଧ୍ୱ ପିଲା ପାଠ ପଢୁଥିବା ଜାଣି ଅତ୍ୟନ୍ତ ଖୁସି ହୋଇଥିଲେ। ସର୍ବୋପରି ଏହି ସ୍କୁଲର ସ୍ୱଛତା,ଶୈକ୍ଷିକ ପରିବେଶ ନିଶ୍ଚିତଭାବେ ଛାତ୍ରୀଛାତ୍ରମାନଙ୍କୁ ପାଠ ଭଲଭାବେ ବୁଝିବାରେ ସହାୟକ ହୋଇପାରିଛି ବୋଲି ଅବସରପ୍ରାପ୍ତ ଜଷ୍ଟିସ ପଟ୍ଟନାୟକ ସ୍କୁଲର ଗସ୍ତ ପଞ୍ଜିକାରେ ଉଲ୍ଲେଖ କରିଛନ୍ତି। ଏହାସହ ସ୍କୁଲର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ସାମଲଙ୍କ ସ୍ୱତନ୍ତ୍ର ଉଦ୍ୟମକୁ ଏହି ଅବସରରେ ଜଷ୍ଟିସ୍ ପଟ୍ଟନାୟକ ପ୍ରଶଂସା କରିଛନ୍ତି। ଅବସରପ୍ରାପ୍ତ ଜଷ୍ଟିସ ପଟ୍ଟନାୟକଙ୍କ ସହ ଏକ ସ୍ୱତନ୍ତ୍ର ଟିମ୍ ଏହି ପରିଦର୍ଶନ ଆସିଥିବା ବେଳେ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପଓନ କଲ୍ୟାଣ ଉକ୍ତ ଟିମ୍‌କୁ ପରିଦର୍ଶନରେ ପୂର୍ଣ୍ଣ ସହାୟତା କରିଛନ୍ତି। ଏହି ପରିଦର୍ଶନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ସୁନ୍ଦରଗଡ଼ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ, କୁଆଁରମୁଣ୍ଡା ବିଡିଓ ବିକାଶ ଚନ୍ଦ୍ର ସାହୁ,ବିଇଓ ସଦାନନ୍ଦ ପଧାନ, ଗୁରୁଚରଣ ସାହୁ, ଜିଲାପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ସକାଳ ୮ଟା।
- ମେଗା ରକ୍ତଦାନ ଶିବିର, ହୀରାକୁଦ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ, ସକାଳ ୮ଟା
- ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ବେହେରାଙ୍କ ଜୟନ୍ତୀ ସମାରୋହ, ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସନ୍ଧ୍ୟା ସାଢ଼େ ୬ଟା।

## ସଂକ୍ଷେପରେ

### ବେକରେ ରଶି ଲଗାଇ ମହିଳାଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ,୧୯।୫:** ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଗଡ଼େଇବଲଣ୍ଡା ଗ୍ରାମର ଜଣେ ମହିଳା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତା ମହିଳା ହେଲେ ଶୁକ୍ରା ଖାଲକୋ(୪୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୩୬।୨୨) ରୁଜୁ ହୋଇଛି। ବୁଧବାର ସନ୍ଧ୍ୟା ସାଢ଼େ ୫ଟାରେ ଶୁକ୍ରା କାମରୁ ଫେରି କୌଣସି କାରଣରୁ ଘର ଆଜବେଷ୍ଟସ ଲୁହା ପାଇପ୍‌ରେ ରଶି ଲଗାଇ ବେକରେ ବାନ୍ଧି ଝୁଲିପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଆରଜିଏଚ୍‌କୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପ୍ରତାରଣା କରି ଯୁବକ ଗିରଫ

ଝାରସୁଗୁଡ଼ା ଅଫିସ,୧୯।୫- ଯୁବତୀଙ୍କୁ ପ୍ରେମ ପ୍ରତାରଣା କରି ଫେରାର ଥିବା ଯୁବକଙ୍କୁ ପୋଲିସ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଲଇକେରା ଥାନା ଅଇତାପାଲି ଗ୍ରାମର କେଶବ ଚନ୍ଦ୍ର ସୁନାନୀ ଓରଫ କୁଶ(୩୦)। ସମ୍ପର୍କୀୟ ହୋଇଥିବାରୁ କୁଶ ଅନେକ ସମୟରେ ଯୁବତୀଙ୍କ ଘରକୁ ଯିବାଆସିବା କରୁଥିଲେ। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ବିବାହ ପ୍ରତିଶ୍ରୁତି ଦେଇ କୁଶ ଯୁବତୀଙ୍କ ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ପରେ ଯୁବତୀ ଜଣଙ୍କ ଗର୍ଭବତୀ ହୋଇଥିଲେ। ପ୍ରସୁତି ସମୟ ଆସିବାପରେ କୁଶ ଆଉ ଧରାଚୁଆଁ ନ ଦେଇ ଫେରାର ହୋଇଯାଇଥିଲେ। ଏଭଳି ସ୍ଥିତିରେ ଯୁବତୀ ଜଣଙ୍କ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ପୀଡ଼ିତା ଯୁବତୀ ୨୦୨୦ ସେପ୍ଟେମ୍ବରରେ ଲଇକେରା ଥାନାରେ ଯୁବକଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ୨୭୦/୨୦) ରୁଜୁକରି ତଦନ୍ତ ଚଳାଇଥିଲା। ଦୀର୍ଘ ଦେଢ଼ବର୍ଷ ପରେ ପୋଲିସ ସୁନ୍ଦରଗଡ ଜିଲା ହିମଗିରି ଅଂଚଳରୁ ସମ୍ପୃକ୍ତ ଫେରାର ଅଭିଯୁକ୍ତଙ୍କୁ ପୋଲିସ୍ ଗିରଫ କରିଛି।

### ସିପିଆଇଏମ୍‌ର ୨୩ତମ ସଭା

**ରାଉରକେଲା ଅଫିସ,୧୯।୫:** ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସୁନ୍ଦରଗଡ ଜିଲା ପକ୍ଷରୁ ରାଉରକେଲା ସେକ୍ଟର-୫ ସ୍ଥିତ ପାନ୍ଥ ନିବାସ ପରିସରରେ ୨୩ ତମ ପାର୍ଟି କଂଗ୍ରେସ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୟୀ ସରପଞ୍ଚ, ସମିତି ସଭ୍ୟସଭ୍ୟା, ଜିଲା ପରିଷଦ ସଭ୍ୟାସଭ୍ୟ, ବ୍ଲକ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିପିଆଇଏମ୍‌ର ରାଜ୍ୟ ସମ୍ପାଦକ ଅରକ୍ଷିତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଭାର ଆଭିମୁଖ୍ୟ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପାର୍ଟିର ରାଜ୍ୟ ସମ୍ପାଦକ ସଦସ୍ୟ ବିଷ୍ଣୁ ମହାନ୍ତି, ଜିଲା ସମ୍ପାଦକ ପ୍ରମୋଦ ସାମଲ, ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସାଲୋନି ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

### ଆଇଜିଏଚ୍‌ର ଫିଡବ୍ୟାକ୍ ଆପ୍‌ର ଶୁଭାରମ୍ଭ

**ରାଉରକେଲା ଅଫିସ,୧୯।୫:** ଆର୍‌ଏସ୍‌ପି ପରିଚାଳିତ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ରୋଗୀ ସେବାରେ ଅଧିକ ଉନ୍ନତି ଆଣିବା ଲକ୍ଷ୍ୟରେ ଆଇଜିଏଚ୍ ଫିଡବ୍ୟାକ ଆପ୍‌ର ଶୁଭାରମ୍ଭ ହୋଇଛି। ଗୁରୁବାର ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଏହି ଆପ୍‌ର ଶୁଭାରମ୍ଭ କରିଛନ୍ତି। ଏହି ଆପ୍ ଆଣ୍ଡ୍ରଏଡ୍ ମୋବାଇଲ ଆପ୍ 'ସମ୍ପର୍କସେଲଆରଏସ୍‌ପି' ରୂପେ ଉପଲବ୍ଧ ହୋଇଛି। ଏଥିରେ ଇନ୍‌ଡୋର ରୋଗୀ ତଥା ସେମାନଙ୍କ ସମ୍ପର୍କୀୟଙ୍କୁ ଆଇଜିଏଚ୍ ସମ୍ବନ୍ଧୀୟ ଫିଡବ୍ୟାକ ପ୍ରଦାନର ସୁବିଧା ପ୍ରଦାନ କରାଯାଇପାରିବ। ଏହି ଅବସରରେ ମେଡିକାଲ ବିଭାଗର ଭାରପ୍ରାପ୍ତ ସିଏମ୍ଓ ବି. କେ ହୋତା, ଡାକ୍ତର ଏନ୍. ପି ସାହୁ, ବି. କେ କୁଲୁଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ବିକଶିତ ହେବ ଭିମ୍‌ସାର

**ସମ୍ବଲପୁର,୧୯।୫(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲାର ଭିମ୍‌ସାରକୁ ଉନ୍ନତ ଓ ବିକଶିତ କରିବା ପାଇଁ ରାଜ୍ୟ ସରକାର ଆଗେଇ ଆସିଛନ୍ତି। ଉନ୍ନୟନ କାମ ପାଇଁ ଖୁବ୍‌ଶୀଘ୍ର ମାଷ୍ଟର ପ୍ଲାନ ତିଆରି ହେବ। ଏଥିପାଇଁ ଆବଶ୍ୟକ ପଡୁଥିବା ଜମିର ମଧ ଆଉ ସମସ୍ୟା ନାହିଁ। ପ୍ରଥମ ପର୍ଯ୍ୟାୟରେ ଭିମ୍‌ସାର ନାମରେ ୭୯ ଏକର ଜମି ହୋଇଯାଇଛି। ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର ଉତ୍ତରାପଞ୍ଚ ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳେଇ, ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଭିମ୍‌ସାର ବିଭିନ୍ନ ବିଭାଗ ମୁଖ୍ୟ, ଅଧକ୍ଷ, ପରିଚାଳନା କମିଟି ସଦସ୍ୟଙ୍କ ସମେତ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଶୀଘ୍ର ସମସ୍ତଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ନିର୍ଦ୍ଦେଶକ ମେହେର କହିଛନ୍ତି।

ସେ ଆହୁରି କହିଥିଲେ, ମେ ୧୦ ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମେଡିକାଲ କଲେଜକୁ ନେଇ ସମୀକ୍ଷା ବୈଠକ କରିଥିଲେ। କଲେଜ ପକ୍ଷରୁ ବିଭିନ୍ନ ସମସ୍ୟା ଅବଗତ କରାଯାଇଥିଲା। ଆଲୋଚନା ପରେ ଶୀଘ୍ର ମାଷ୍ଟରପ୍ଲାନ ତିଆରି କରି ରିପୋର୍ଟ ଦାଖଲ କରିବାକୁ କହିଥିଲେ। ଏହାକୁ ନେଇ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଜୁନ ପହିଲାରେ ଏକ ବୈଠକ କରାଯାଇ ପ୍ରସ୍ତାବିତ ମାଷ୍ଟର ପ୍ଲାନର ସ୍ୱୀକୃତି ପ୍ରଦାନ କରାଯିବ। ମାଷ୍ଟର ପ୍ଲାନ ଅନୁସାରେ ବିକାଶ ହେଲେ ସ୍ୱାସ୍ଥ୍ୟ ସେବାରେ ବଡ ଧରଣର ପରିବର୍ତ୍ତନ ଆସିବ ବୋଲି କହିଥିଲେ। ସୂଚନାଯୋଗ୍ୟ ଭିମ୍‌ସାର ଉପରେ ପଶ୍ଚିମ ଓଡ଼ିଶାବାସୀ ନିର୍ଭର କରନ୍ତି। ଏହାକୁ ରାଜ୍ୟର ଦ୍ୱିତୀୟ ବୃହତ୍ ମେଡିକାଲ କଲେଜ ଭାବେ ଗଣତି କରାଯାଉଛି। ଅଧିକାଂଶ ବିଭାଗରେ ଚିକିତ୍ସା ସହ ବିଭିନ୍ନ ରୋଗ ଉପରେ ଗବେଷଣା କରାଯାଉଛି। ପ୍ରାୟ ସମୟରେ ଗୁରୁତର ରୋଗୀମାନେ ଆସୁଥିବାବେଳେ ଚିକିତ୍ସାରେ ସମସ୍ୟା ଯୋଗୁ ସେମାନଙ୍କୁ କଟକ ନଚେତ ଅନ୍ୟତ୍ର ରେଫର କରାଯାଇଥାଏ। ଏହି ସମସ୍ୟା ଦୂର କରିବା ପାଇଁ ଏକ ମାଷ୍ଟରପ୍ଲାନ ତିଆରି କରାଯିବ। ସେ ଅନୁସାରେ ବିକାଶ କରାଗଲେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି ଆଶା କରାଯାଉଛି।

**ମାଷ୍ଟର ପ୍ଲାନ ପାଇଁ ପ୍ରକ୍ରିୟା ଆରମ୍ଭ**



ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାର।

## ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ଆଶାକର୍ମୀ ସମ୍ବର୍ଦ୍ଧିତ


ବବିତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଜମନକିରା,୧୯।୫(ଡି.ଏନ୍.ଏ.)**

ଜମନକିରା ବ୍ଲକ ମୁଣ୍ଡେନପାଲି ପଞ୍ଚାୟତ ମୁଣ୍ଡେନପାଲି ଗ୍ରାମର ଆଶାକର୍ମୀ ବବିତା ନାଥଙ୍କୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। ପିଲାଙ୍କୁ ଟିକାକରଣ, ହସ୍ପିଟାଲରେ ଶହେ ପ୍ରତିଶତ ଡେଲିଭରି କରାଇବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ୨୦୧୫ରେ ବବିତା ଜିଲାର ଶ୍ରେଷ୍ଠ ଆଶା ଭାବେ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କଠାରୁ ପୁରସ୍କୃତ ହୋଇଥିଲେ। ସେହିପରି ୨୦୧୬-୧୭ରେ ରାଜ୍ୟସ୍ତରରେ ମନ୍ତ୍ରୀ ପ୍ରତାପ ଜେନାଙ୍କଠାରୁ ପୁରସ୍କୃତ ହୋଇଥିଲେ। ୨୦୨୧ରେ ଉପଖଣ୍ଡ ଓ ଜିଲାସ୍ତରରେ ସେ କରୋନା ଯୋଦ୍ଧା ସମ୍ମାନରେ ମଧ ସମ୍ମାନିତ ହୋଇଥିଲେ। ଗତ ୧୭ ତାରିଖରେ ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ବବିତାଙ୍କୁ ପୁରସ୍କୃତ କରିଥିଲେ। ଏହି ଉପଲକ୍ଷେ ଗୁରୁବାର ମୁଣ୍ଡେନପାଲିରେ ମହିଳା ଓ ଆଶାକର୍ମୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ଜିଏମ୍‌ୟୁରେ ସନ୍ଥକବି ଭୀମ ଭୋଇ ବକ୍ତୃତାମାଳା


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ସମ୍ବଲପୁର,୧୯।୫(ବ୍ୟୁରୋ)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ରେ ଭୀମ ଭୋଇ ଗବେଷଣା କେନ୍ଦ୍ର ପକ୍ଷରୁ ସନ୍ଥକବି ଜୟନ୍ତୀ ତଥା ଷଷ୍ଠ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସୁରେଶ ଚନ୍ଦ୍ର ଦଳାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୀମ ଭୋଇଙ୍କ ମାନବବାଦୀ ସାହିତ୍ୟ ଓ ବିଶ୍ୱବିଦ୍ୟାଳୟରେ ଭୀମ ଭୋଇ ଚେୟାରର ଅବଦାନ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ବିଭୂତି ଭୂଷଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭୀମ ଭୋଇଙ୍କୁ ଓଡ଼ିଆ ଆଧୁନିକ ସାହିତ୍ୟର ପ୍ରବର୍ତ୍ତକ ବୋଲି ଅଭିହିତ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ଭୀମ ଭୋଇଙ୍କୁ ଆଧ୍ୟାତ୍ମିକ ନବଜାଗରଣର ପୁରୋଧା ବୋଲି ବର୍ଣ୍ଣନା କରିଥିଲେ। ଜୟନ୍ତୀ ଅବସରରେ ଭୀମ ଭୋଇ ଗବେଷଣା କେନ୍ଦ୍ରର ଆଶ୍ରମ ପରିଦୃଶ୍ୟ ଗବେଷଣା କକ୍ଷ ଉନ୍ମୁକ୍ତ ହୋଇଥିଲା। ସନ୍ଥ କାହ୍ନା ଦାସ, ସନ୍ଥ ବଳଭଦ୍ର ଦାସ ପ୍ରମୁଖ ଶୂନ୍ୟକୁ ଦୀପ ଦାନ ପୂର୍ବକ ଏହି କର୍ମ ସମ୍ପାଦନ କରିଥିଲେ। ମୁଖ୍ୟଅତିଥି ଚିତ୍ରଶିଳ୍ପୀ ବନ୍ଦନା ପଣ୍ଡାଙ୍କ ଅଙ୍କିତ ଭୀମ ଭୋଇ ପ୍ରତିକୃତିର ଅନାବରଣ କରିଥିଲେ। ପ୍ରଫେସର ପ୍ରଦୀପ କୁମାର ପଣ୍ଡା ସ୍ୱାଗତ ଦେଇଥିବାବେଳେ ଉପକୁଳସଚିବ ଡ଼. ଉମାଚରଣ ପତି ସଭା ପରିଚାଳନା କରିଥିଲେ। ସଙ୍ଗୀତ ଗୁରୁ ମୋତିଲାଲ ଦୋରା ସାଥୀଙ୍କ ଗହଣରେ ଭୀମ ଭୋଇ ଭଜନ ପରିବେଷଣ କରିଥିଲେ।

## ବ୍ରଜରାଜନଗରରେ ବିଜେଡି କାର୍ଯ୍ୟାଳୟ

**ବ୍ରଜରାଜନଗର,୧୯।୫(ଡି.ଏନ୍.ଏ.)**

ଉପନିର୍ବାଚନ ପରିପ୍ରେକ୍ଷୀରେ ବ୍ରଜରାଜନଗର ପୌରାଞ୍ଚଳର ଗୋପବନ୍ଧୁ ଛକଠାରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥି, ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସ ବର୍ମା ସମ୍ମାନିତ ଅତିଥି, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଜେଡି ନେତା ତଥା ଜିଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ପ୍ରାର୍ଥିନୀ ଅଳକା ମହାନ୍ତି ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ। ସ୍ୱର୍ଗତ କିଶୋର ମହାନ୍ତିଙ୍କ ଅଧୁରା ସ୍ୱପ୍ନ ପୂରଣ ପାଇଁ ତାଙ୍କ ସ୍ତ୍ରୀ ଅଳକା ମହାନ୍ତିଙ୍କୁ ଭୋଟ୍ ଦେଇ ବିଜୟୀ କରାଇବାକୁ ଅତିଥିମାନେ ଭୋଟରଙ୍କୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମକୁ ନଗର ସଭାପତି ରାଧାକାନ୍ତ ପ୍ରଧାନ, ନୃପ ଟାଣ୍ଡିଆ, ଜୟନ୍ତ ଦୀକ୍ଷିତ ପ୍ରମୁଖ ପରିଚାଳନା କରିଥିଲେ।

## ସୁଚରିତାଙ୍କୁ ବେଷ୍ଟ ଷ୍ଟୁଡେଣ୍ଟ ଏକାଡେମିକ୍ ଆୱାର୍ଡ

**ସମ୍ବଲପୁର,୧୯।୫(ବ୍ୟୁରୋ)**

ଭୁବନେଶ୍ୱରସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ (ନିମ୍) ଶିକ୍ଷାନୁଷ୍ଠାନରୁ ସୁଚରିତା ଷଡ଼ଙ୍ଗୀ ବେଷ୍ଟ ଷ୍ଟୁଡେଣ୍ଟ ଏକାଡେମିକ ଆୱାର୍ଡ ହାସଲ କରି ସମ୍ବଲପୁର ପାଇଁ ଗୌରବ ଆଣିଛନ୍ତି। ସେ ନିମ୍‌ରେ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ କରି ୨୦୨୧-୨୨ ବର୍ଷ ପାଇଁ ଏହି ପୁରସ୍କାର ପାଇଛନ୍ତି। ସୁଚରିତା ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ଅଧୀନ ପଡିଆବାହାଲ ନିବାସୀ ଡାକ୍ତର ରାଜାରାମ ଷଡ଼ଙ୍ଗୀ ଓ ସ୍ୱର୍ଗତା ଶେଫାଳି ମହାପାତ୍ର (ଷଡ଼ଙ୍ଗୀ)ଙ୍କ ଝିଅ। କୋଭିଡ୍ -୧୯ ସମୟରେ ସୁଚରିତାଙ୍କ 'ସଭିଏଁ ଘରେ ରହିବା' ସଚେତନାତ୍ମକ ଗୀତ ଚର୍ଚ୍ଚିତ ହୋଇଥିଲା। ସପ୍ତମ ଶ୍ରେଣୀରୁ ଲେଖାଲେଖି ଆରମ୍ଭ କରି ସେ ଆଜି ଦିନରେ ହିନ୍ଦୀ କବିତା ସାହିତ୍ୟରେ ବେଶ୍ ଆଗରେ ରହିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।


ସୁଚରିତା ଷଡ଼ଙ୍ଗୀ।

## ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

**ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ**

**ସମ୍ବଲପୁର,୧୯।୫(ବ୍ୟୁରୋ)**

ସମ୍ବଲପୁର ଜିଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଗୁରୁବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଚିଣ୍ଡା ବିଧାୟକ କିଶୋର ନାୟକ, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକଙ୍କ ସମେତ ଜିଲା, ଉପଖଣ୍ଡ, ତହସିଲ, ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଆବଶ୍ୟକ ପଲିଥିନ ମହଜୁଦ ରଖିବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।

ବର୍ଷାଦିନ ପୂର୍ବରୁ ଜଳ ନିଷ୍କାସନ ନାଳ ଓ କେନାଲଗୁଡ଼ିକୁ ପରିଷ୍କାର ରଖିବା, ବାତ୍ୟା ପୂର୍ବରୁ ଓ ପରବର୍ତ୍ତୀ ୨ରୁ ୩ମାସ ପାଇଁ ଖାଦ୍ୟ ପଦାର୍ଥ ଓ ରିଲିଫ ସାମଗ୍ରୀ ମହଜୁଦ ରଖିବା, ସ୍ୱାସ୍ଥ୍ୟ କେନ୍ଦ୍ରରେ ପର୍ଯ୍ୟାପ୍ତ ଓଆର୍‌ଏସ ପ୍ୟାକେଟ, ହାଲୋଜେନ ବଟିକା, ସାପ କାମୁଡ଼ା ଔଷଧ, ବ୍ଲିଚିଂ ପାଉଡ଼ର ରଖିବାକୁ କୁହାଯାଇଛି। ବନ୍ୟା ସମୟରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରାଯିବା ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆପତ୍‌କାଳୀନ ସମୟରେ ପ୍ରଭାବିତ ଅଞ୍ଚଳରେ ଯେପରି ଗୋଖାଦ୍ୟ ଶୀଘ୍ର ପହଞ୍ଚିବ ସେ ସମ୍ପର୍କରେ ଜିଲାପାଳ ପ୍ରାଣୀସମ୍ପଦ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଜରୁରିକାଳୀନ ବିଭାଗ, ସମ୍ବଲପୁର ମହାନଗର ନିଗମ, କୁଚିଣ୍ଡା ଓ ରେଢ଼ାଖୋଲ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକରେ ନିୟନ୍ତ୍ରଣ କକ୍ଷ ଆସନ୍ତା ଜୁନ ୧ ତାରିଖରୁ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ହେବ। ଜଳସେଚନ ବିଭାଗର ଯନ୍ତ୍ରୀମାନେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଆଗୁଆ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରିଲିଫ କେନ୍ଦ୍ରଗୁଡ଼ିକୁ ଚିହ୍ନଟ କରି ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଡ଼ଙ୍ଗାଗୁଡ଼ିକର ଆବଶ୍ୟକ ମରାମତି କରି ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଏହାଛଡ଼ା ପାୱାର ବୋଟ ସହ ବାତ୍ୟା ସମୟରେ ବ୍ୟବହାର ହେଉଥିବା ଉଦ୍ଧାର ଉପକରଣ ପ୍ରସ୍ତୁତ ରଖିବା ପାଇଁ ଅଗ୍ନିଶମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା, ଉପଖଣ୍ଡ, ବ୍ଲକ, ତହସିଲ, ପୌରାଞ୍ଚଳ ଅଧିକାରୀମାନେ ପରସ୍ପର ମଧ୍ୟରେ ଉତ୍ତମ ସମନ୍ୱୟ ରଖି ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବାକୁ ଜିଲାପାଳ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଭିସିରେ ପିଡି ଡିଆର୍‌ଡିଏ ଦିଲୀପ କୁମାର ବଳ, ଏସ୍‌ଏମ୍‌ସି କମିଶନର ପ୍ରଦୀପ କୁମାର ସାହୁ, ସଦର ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଜିଲାସ୍ତରୀୟ ଅଧିକାରୀ, ସମସ୍ତ ଉପଜିଲାପାଳ, ବିଡ଼ିଓ, ତହସିଲଦାର ଯୋଡ଼ିହୋଇଥିଲେ।

## ମହିଳା ଜନପ୍ରତିନିଧିଙ୍କ ଦକ୍ଷତା ବୃଦ୍ଧି ତାଲିମ



ଶିବିରରେ ଯୋଗଦେଇଥିବା ମହିଳା ଜନପ୍ରତିନିଧି।

**ଜମନକିରା,୧୯।୫(ଡି.ଏନ୍.ଏ.)**

ଜମନକିରା ପଞ୍ଚାୟତ ରାଜୀବ ଭବନରେ ମହିଳା ଜନପ୍ରତିନିଧିଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜମନକିରା, ବଡ଼ରମା, ଟିକିଲିପଦା, କସଡ଼ା ଓ କଟଙ୍ଗପାଣି ପଞ୍ଚାୟତର ୩୦ ଜଣ ମହିଳା ସରପଞ୍ଚ ଓ ୱାର୍ଡ ସଭ୍ୟାସଭ୍ୟ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଆୟୋଜକ ଦି ଜଙ୍ଗଲ ପ୍ରୋଜେକ୍ଟ ଇଣ୍ଡିଆର ଓଡ଼ିଶା ମୁଖ୍ୟ ସୁକାନ୍ତ ମହାପାତ୍ର, ନାନସି ରାଉତ, କିଶୋର ଚନ୍ଦ୍ର ଦେହୁରୀ ଓ ଅଶ୍ୱିନୀ ଧୁରୁଆ ତାଲିମ ପ୍ରଦାନ କରିଥିଲେ। ପଞ୍ଚାୟତସ୍ତରରେ ମହିଳାଙ୍କ ଦକ୍ଷତା ବୃଦ୍ଧି ସହ ବିଭିନ୍ନ ଉନ୍ନୟନ କାମରେ ସହଭାଗିତା, ୭୩ତମ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସଂଶୋଧନ, ମହିଳାଙ୍କ ୫୦ ପ୍ରତିଶତ ଭାଗୀଦାର ଆଦି ପ୍ରସଙ୍ଗ ଉପରେ ତାଲିମ ପ୍ରଦାନ କରାଯାଇଥିଲା।

## ତାରାତାରିଣୀ ପୀଠରୁ ଫେରିଲେ ସମଲେଇଙ୍କ ସେବାୟତ

**ସମ୍ବଲପୁର,୧୯।୫ (ବ୍ୟୁରୋ)**

ଦକ୍ଷିଣ ଓଡ଼ିଶାର ପ୍ରମୁଖ ଶକ୍ତିପୀଠ ତଥା ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସରକାର ଓ ଜିଲା ପ୍ରଶାସନର ନିମନ୍ତ୍ରଣ ପାଇ ମା' ସମଲେଇଙ୍କ ୧୩ ଜଣ ସେବାୟତ ଯୋଗଦାନ କରିଥିଲେ। ସେମାନେ ଗୁରୁବାର ସମ୍ବଲପୁର ଫେରିଛନ୍ତି। ସେମାନେ ମା'ଙ୍କୁ ଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ଭେଟିଥିଲେ। ସମଲେଇ ସେବାୟତଙ୍କୁ ସମ୍ବଲପୁର ଜିଲା ପ୍ରଶାସନ ତରଫରୁ ମା' ତାରାତାରିଣୀ ପୀଠରେ ପହଞ୍ଚାଯାଇଥିଲା। ସେମାନଙ୍କ ସହ ପ୍ରଶାସନ ତରଫରୁ ଜିଲା ସଂସ୍କୃତି ଅଧିକାରୀ ଦୀପକ କୁଲୁ ଉପସ୍ଥିତ ଥିଲେ।


ସମଲେଇଙ୍କ ସେବାୟତମାନେ।

## ୪ ଡକାୟତ ଗିରଫ, ବହୁ ମାରଣାସ୍ତ୍ର ଜବତ

**ରାଉରକେଲା ଅଫିସ,୧୯।୫**

ରାଉରକେଲା ବନ୍ଧମୁଣ୍ଡା ଫଟାପାଇପ୍ ଅଞ୍ଚଳରେ ବୁଧବାର ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିବାବେଳେ ପ୍ଲାଣ୍ଟସାଇଟ ପୋଲିସ ୪ ଡକାୟତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଲଗୋଦାମ ଅଞ୍ଚଳର ଏମ୍‌ଡ଼ି. ପରବେଜ(୨୯), ପ୍ରମୋଦ ଶ୍ରୀବାସ୍ତବ(୨୦), ଗୁରୁଦ୍ୱାରା ରୋଡ଼ ଅଞ୍ଚଳର ଶମ୍ଭୁ ରାମ(୨୧) ଏବଂ ରୋହିତ ସିଂ(୧୯)। ୨ଜଣ ଡକାୟତ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତମାନଙ୍କଠାରୁ ୪ଟି ଦେଶୀ ପିସ୍ତଲ, ୨ଟି ଦେଶୀ ବୋମା, ୨ଟି ଖଣ୍ଡା, ୩୨ ରାଉଣ୍ଡ ଜୀବନ୍ତ ଗୁଳି ଓ ଗୋଟିଏ କାର୍ (ନଂ.ଓଡି୧୪ୱାଇ/୨୩୮୫) ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୧୮୪।୨୨) ରୁଜୁ କରି ଅଧିକ ତଦନ୍ତ କରୁଛି।

ଗୁରୁବାର ପ୍ଲାଣ୍ଟସାଇଟ ଥାନା ପରିସରରେ ଏ ନେଇ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ବିକ୍ରମ କେଶରୀ ଭୋଇ ସୂଚନା ଦେଇ କହିଛନ୍ତି, ଗତ ବୁଧବାର ରାତି ସାଢ଼େ ୩ଟାରେ ବିଶ୍ରା-ବନ୍ଧମୁଣ୍ଡା ଫଟାପାଇପ୍ ରାସ୍ତାରେ ୬ ଜଣ ଡକାୟତ ଏକ ବଡ଼ଧରଣର ଡକାୟତି କରିବାକୁ ଯୋଜନା କରୁଥିଲେ। ଏହି ସମୟରେ ଥାନା ଏସ୍‌ଆଇ ଏଫ. ତିଗାଙ୍କ ନେତୃତ୍ୱରେ ନାଇଟ୍‌ପାଟ୍ରୋଲିଂ କରୁଥିବା ପୋଲିସ ଟିମ୍ ସେମାନଙ୍କୁ କାବୁ କରିଥିଲା। ସେମାନଙ୍କ ମଧ୍ୟରୁ ୨ଜଣ ଖସି ପଳାଇଥିଲେ। ପୋଲିସ ସେମାନଙ୍କୁ ଧରିବା ପାଇଁ ତନାଘନା ଆରମ୍ଭ କରିଛି। ଗିରଫ ୪ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଚୋରି, ଲୁଟ୍ ଓ ଡକାୟତି ଭଳି ଏକାଧିକ ମାମଲା ରହିଛି। ସହରରେ ବିଭିନ୍ନ ଅପରାଧମୂଳକ ଘଟଣା ଘଟାଇବା ପାଇଁ ସେମାନେ ବିହାରରୁ ଦେଶୀ ବନ୍ଧୁକ ଆଣିଥିବା ଅତିରିକ୍ତ ଏସ୍‌ପି ଭୋଇ କହିଥିଲେ। ଖବରଦାତା ସମ୍ମିଳନୀରେ ଥାନାଧିକାରୀ ସନ୍ତୋଷ କୁମାର ଜେନା, ଏସ୍‌ଆଇ ଅଞ୍ଜନ କୁମାର ପାତ୍ର, ସିଦ୍ଧାର୍ଥ ପ୍ରଧାନ, ଦେବାଶିଷ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

- ଡକାୟତି ଯୋଜନା ବେଳେ ଚଢ଼ାଉ
- ବିହାରରୁ ଆଣିଥିଲେ ଦେଶୀ ବନ୍ଧୁକ


ଗିରଫ ୪ ଅଭିଯୁକ୍ତ ଏବଂ ଜବତ ମାରଣାସ୍ତ୍ରଗୁଡ଼ିକୁ ଖବରଦାତା ସମ୍ମିଳନୀରେ ହାଜର କରାଯାଇଛି।

## ୧୬ କିଲୋଗ୍ରାମ ଗଞ୍ଜେଇ ଜବତ, ୩ ଗିରଫ

**ନୂଆପଡ଼ା ଅଫିସ:** ନୂଆପଡା ଅବକାରୀ ବିଭାଗ ୩୫୩ ନଂ. ଜାତୀୟ ରାଜପଥ ଘାଟିପଡା ଛକଠାରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଯାତ୍ରୀବାହୀ ବସ୍‌ରୁ ୧୬ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ମଧ୍ୟପ୍ରଦେଶର ୨ଜଣ ଭମରଲାଲ ମେଘପାଲ (୩୨) ଓ ଆଶଫାକ ହୁସେନ (୩୭) ଏବଂ ରାଜସ୍ଥାନର ତାପସ ବିଶ୍ୱାସ (୩୬)ଙ୍କୁ ଗିରଫ କରାଯାଇଛି। ଖଡିଆଲରୁ ନୂଆପଡା ଅଭିମୁଖେ ଆସୁଥିବା ଏକ ବେସକାରୀ ବସ୍‌ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଘାଟିପଡା ନିକଟରେ ବିଭାଗ ଅଟକାଇ ଚଢ଼ାଉ କରି ୧୬ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିଲା।

### ସଂକ୍ଷେପରେ

## ନୂତନ ଖେଳପଡ଼ିଆ ଭୂମିପୂଜନ ସହ ନିର୍ମାଣ କାର୍ଯ୍ୟ ଆରମ୍ଭ



**ଲାଞ୍ଜିଗଡ଼,୧୯।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଗ୍ରାମ ପଞ୍ଚାୟତ ଲାଞ୍ଜିଗଡ଼ସ୍ଥିତ ବଂଶଧାରା ନଦୀ କୂଳରେ ପ୍ରସ୍ତାବିତ ଖେଳ ପଡିଆର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ସହଯୋଗରେ ଭୂମିପୂଜାରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରିକ୍ଷିତ ନାଏକ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ସମିତି ସଭ୍ୟା ସୁମତି ମାଝି, ନାଏବ ସରପଞ୍ଚ ହରି ତାଣ୍ଡି, ସୁବାସ ଅଗ୍ରୱାଲଙ୍କ ସମେତ ଅଞ୍ଚଳର ଯୁବଗୋଷ୍ଠୀ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଲାଞ୍ଜିଗଡ଼ ଅଞ୍ଚଳରେ ଖେଳ ପଡିଆ ନ ଥିବା ଯୋଗୁ କ୍ରିଡ଼ାବିତମାନେ ନିରାଶ ହେଉଥିଲେ। ୨୦୨୧ ଅକ୍ଟୋବର ୩ରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ଦିଶାରୀ ଲାଞ୍ଜିଗଡ ଗସ୍ତରେ ଆସିଥିବା ବେଳେ ଲାଞ୍ଜିଗଡ ଯୁବଗୋଷ୍ଠୀ ଖେଳପଡିଆ ପାଇଁ ଦାବି କରିଥିଲେ। ଯୁବ ଖେଳାଳିଙ୍କ ଉତ୍ସାହ ଦେଖି ଅତିଶୀଘ୍ର ଖେଳ ପଡିଆ ପାଇଁ ଚେଷ୍ଟା କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗୁରୁବାର ୬ ମାସ ମଧ୍ୟରେ ବିଧାୟକ ପ୍ରତିଶ୍ରୁତି ରଖି ଖେଳ ପଡ଼ିଆର ଭୂମିପୂଜନ କରିଥିଲେ।

## ଡ୍ରେନ୍, ପାଇପ୍ ପାଣି ଯୋଗୁ ରାସ୍ତାରେ ଗର୍ତ୍ତ



**ମ.ରାମପୁର,୧୯।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ମ.ରାମପୁର ସହର ଦେଇ ଯାଇଥିବା ରାଜ୍ୟ ରାଜପଥ ୬ ତଥା ମୁଖ୍ୟ ସଡକ ଉପରେ ପାନୀୟ ପାଇପ ଜଳ ଯୋଗାଣର ଫଟା ପାଇପରୁ ପାଣି ନିର୍ଗତ ହୋଇ ଜମି ରହୁଛି। ଏହା ବାଦ୍ ରାସ୍ତାର ଉଭୟ ପାର୍ଶ୍ୱ ଡ୍ରେନ ପୋତି ହୋଇଥିବାରୁ ସାହି ବସ୍ତିର ପାଣି ମୁଖ୍ୟ ଡ୍ରେନରେ ଯାଇପାରୁନାହିଁ। ଏଥିଯୋଗୁ ରାସ୍ତାରେ ପାଣି ଜମୁଛି। ଜମି ଯାଉଥିବା ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ଏଥିଯୋଗୁ ରାସ୍ତାରେ ଗମନାଗମନ ପ୍ରଭାବିତ ହେଉଛି। ରାସ୍ତା ମରାମତି କଲେ ମଧ ପିଚୁ ରାସ୍ତା ଉପରେ ପାଣି ଜମିବା ଯୋଗୁ ରାସ୍ତାରେ ଗର୍ତ୍ତ ସୃଷ୍ଟି ହେଉଛି। ଏ ନେଇ ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ବିନୋଦ ସିଂହଙ୍କୁ ଦୃଷ୍ଟି ଆକର୍ଷଣ କରିବାରୁ ଅଳ୍ପ ଦିନ ମଧ୍ୟରେ ସମସ୍ୟା ସମାଧାନ କରାଯିବ। ଏ ନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଚକ୍ରଧର ବେହେରାଙ୍କୁ ପଚାରିବାରୁ ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀଙ୍କୁ ୧୫ ଦିନ ତଳେ ଅବଗତ କରିବା ସ୍ଥଳେ ମଧ ସୁଫଳ ମିଳିନାହିଁ। ପଞ୍ଚାୟତ ପକ୍ଷରୁ ଡ୍ରେନ ମଧ ସଫା କରାଯାଉନାହିଁ। ସରପଞ୍ଚ ବିଣାପାଣି ସାହୁ କହିଛନ୍ତି ଏହି ମାସ ମଧ୍ୟରେ ଡ୍ରେନ ସଫା କାମ ଆରମ୍ଭ ହେବ। ରାଜବାଟି ସମ୍ମୁଖ, ପୁରୁଣା ଅଫିସ ସମ୍ମୁଖ, ପୂର୍ତ୍ତ ବିଭାଗ ବଙ୍ଗଳା ସମ୍ମୁଖ ଆଦି ସ୍ଥାନରେ ଏହି ସମସ୍ୟା ଅଧିକ ଦେଖାଦେଇଛି।

# ପୂଝାରୀପଡ଼ାବାସୀ ବ୍ଲକ ଉପାଧ୍ୟକ୍ଷଙ୍କ ଦ୍ୱାରସ୍ଥ

### ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଦାବିପତ୍ର

**କୋକସରା,୧୯।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ କାଶିବାହାଲ ପଞ୍ଚାୟତ ଅଧୀନ ପୂଝାରୀପଡ଼ାଠାରେ ଏକ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଗୁରୁବାର ଗ୍ରାମବାସୀ ବ୍ଲକ ଉପାଧ୍ୟକ୍ଷଙ୍କ ଦ୍ୱାରସ୍ଥ ହୋଇଛନ୍ତି। କାଶିବାହାଲ ସମିତି ସଭ୍ୟ ଗଜାନନ ନିଆଲଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲଙ୍କୁ ପ୍ରଦାନ କରିଛନ୍ତି। ସୂଚନା ଯେ, ପୂଝାରୀପଡା ଗାଁର ଜନସଂଖ୍ୟା ପାଖାପାଖି ୩୦୦। ଗାଁରେ ୦ରୁ ୬ ବର୍ଷର ପ୍ରାୟ ୨୬ଜଣ ଶିଶୁ ରହିଛନ୍ତି। ଏଠାରେ ପ୍ରାକ ବିଦ୍ୟାଳୟ ସୁବିଧା ନାହିଁ। ଗାଁଠାରୁ ୧ କି.ମି. ସାରଙ୍ଗପଡାରେ ରହିଛି ଅଙ୍ଗନୱାଡି କେନ୍ଦ୍ର। ବର୍ଷର ୧୨ ମାସ ଶିଶୁମାନେ ଯିବା ପାଇଁ ଭଲ ରାସ୍ତା ନାହିଁ। ରାସ୍ତାରେ ଦୁଇଟି ମୁକୁଳା ପୋଖରୀ ରହିଥିବାରୁ ଶିଶୁଙ୍କୁ ଛାଡିବାକୁ ଅଭିଭାବକମାନେ ଅମଙ୍ଗ ହେଉଛନ୍ତି। ଶିଶୁଙ୍କ ପାଇଁ ପ୍ରାକ ଶିକ୍ଷା ହେଉଛି ମୂଳଦୁଆ। ଏଣୁ ଆମ ଗାଁର ଅଙ୍ଗନୱାଡି କେନ୍ଦ୍ର ନ ଥିବାରୁ ପ୍ରାକ ଶିକ୍ଷାରୁ ଶିଶୁ ପ୍ରାୟତଃ ବଞ୍ଚିତ ରହୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁରେ ଏକ ଅଙ୍ଗନୱାଡି କେନ୍ଦ୍ର ଖୋଲିଲେ ଆମ ଶିଶୁମାନେ ଉପକୃତ ହେବେ ବୋଲି ଗ୍ରାମବାସୀ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପୂଝାରୀପଡାର ୱାର୍ଡମେମ୍ବର ଜୟ ଶଙ୍କର ପଟେଲ, ଦୁଷ୍ମନ୍ତ ପୂଝାରୀ, କ୍ଷୀର ପୂଝାରୀ, ଲଛମନ ମାଝି, ଲକ୍ଷ୍ମଣ ଶବର, ବିଜୟ ପଟେଲ, ସୀତାକାନ୍ତ ପଟେଲ, ବୈଦ୍ୟନାଥ ପଟେଲ, ମୀନା ପଟେଲ, ହେମଲତା ପଟେଲ, ଜ୍ୟୋତି ପଟେଲ, ଧନମତି ପଟେଲ, ମଞ୍ଜରୀ ପଟେଲ, ପୁଷ୍ପା ପଟେଲ, ସନ୍ତୋଷିନୀ ପଟେଲ, ହରିପ୍ରିୟା ପୂଝାରୀ, ଚନ୍ଦ୍ରକାନ୍ତି ପଟେଲ, ନିରୂପମା ପଟେଲ ପ୍ରମୁଖ ଉପସ୍ଥିତ ରହିଥିଲେ। ଏ ନେଇ ଉପାଧ୍ୟକ୍ଷ ବ୍ଲକ ପ୍ରଶାସନ ସହ ଆଲୋଚନା କରିବା ପରେ କେନ୍ଦ୍ର ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।



ବ୍ଲକ ଉପାଧ୍ୟକ୍ଷଙ୍କୁ ପୂଝାରୀପଡାବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

# କଳାହାଣ୍ଡି-କନ୍ଧମାଳ ସୀମାରେ ପୁଣି ମାଓବାଦୀ ପୋଷ୍ଟର



ଲଣ୍ଡାଗାଁରେ ଲାଗିଥିବା ମାଓବାଦୀ ପୋଷ୍ଟର।

**ମ.ରାମପୁର,୧୯।୫(ଡି.ଏନ.ଏ.)**

କଳାହାଣ୍ଡି-କନ୍ଧମାଳ ଜିଲା ସୀମାରେ ବୁଧବାର ପୁଣି ମାଓବାଦୀ ସଙ୍ଗଠନ ପୁଣି ନିଜ ସ୍ଥିତି ଜାହିର କରିଛନ୍ତି। କନ୍ଧମାଳ ଜିଲାର ଲଣ୍ଡାଗାଁ, ମଣ୍ଡଳପଦର ଆଦି ଅଞ୍ଚଳରେ ମାଓବାଦୀ ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଛି। ଉକ୍ତ ପୋଷ୍ଟରରେ ଶନିବାର ଦକ୍ଷିଣପୂର୍ବ ଛତିଶଗଡ ୨୪ ଘଣ୍ଟିଆ ବନ୍ଦ ପାଳନ କରିବାକୁ ଲୋକଙ୍କୁ ଆହ୍ୱାନ କରାଯାଇଛି। ଫେବୃୟାରୀ ୫ରେ କଳାହାଣ୍ଡି ଜିଲା ରାହୁଲ ନଦୀ ପାର୍ଶ୍ୱରେ ଲଗାଯାଇଥିବା ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଧରିତ୍ରୀର ମୋହନଗିରି ପ୍ରତିନିଧୀ ରୋହିତ ବିଶ୍ୱାଳ ନିହତ ହୋଇଥିଲେ। ଏହି ଘଟଣା ଘଟିବାର ୩ ମାସ ପରେ ମାଓବାଦୀ ସଙ୍ଗଠନ ଖବରଦାତା ପରିବାରଙ୍କ ସହିତ ଜନସାଧାରଣଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି। ଏହି ଘଟଣା ଅତି ଦୁଃଖଦାୟକ ବୋଲି ଦର୍ଶାଇଛନ୍ତି। ଖବରଦାତା ରୋହିତ ଓ ଖିଆମୁଣ୍ଡା ଯୁବକ ମୃତ୍ୟୁଙ୍କ କାରଣ ପୋଲିସ ଓ ସରକାର ବୋଲି ଉକ୍ତ ପୋଷ୍ଟରରେ ଦର୍ଶାଯାଇଛି। ଗତ ମାସରେ ମ.ରାମପୁର ବ୍ଲକ ନୁନପୁର ଛକସ୍ଥିତ ଏକ ବେସରକାରୀ ଶିକ୍ଷାନୁଷ୍ଠାନ ସମ୍ମୁଖରେ ମାଓବାଦୀମାନେ ପୋଷ୍ଟର ଲଗାଇ ନିଜର ଉପସ୍ଥିତି ଦର୍ଶାଇଥିଲେ। ଉକ୍ତ ସ୍ଥାନରେ ପୁନଃ ଦ୍ୱିତୀୟ ଥର ଉକ୍ତ ଶିକ୍ଷାନୁଷ୍ଠାନ ଛାତ୍ରୀମାନଙ୍କୁ ନିର୍ଯାତନା ଦିଆଯାଉଥିବା ଦର୍ଶାଇ ପୋଷ୍ଟର ଲଗାଇଥିଲେ।

# ଜିଲାପାଳଙ୍କ ୫-ଟି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

**ନୂଆପଡ଼ା ଅଫିସ,୧୯।୫**

ନୂଆପଡା ଜିଲା କୋମନା ବ୍ଲକରେ ୫-ଟି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି ଜିଲାପାଳ ସ୍ୱାଧାଦେବ ସିଂ । ରାଜ୍ୟ ସରକାରଙ୍କ ଆହ୍ୱାନକ୍ରମେ ଓଡିଶାର ସମସ୍ତ ଉଚ୍ଚ ବିଦ୍ୟାଳୟକୁ ୫-ଟିରେ ସାମିଲ କରାଯାଉଛି। ବିଦ୍ୟାଳୟଗୁଡ଼ିକୁ ସ୍ମାର୍ଟ କରିବା ସହ ଚଳିତ ମାସ ଶେଷ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସ୍ମାର୍ଟ ବିଦ୍ୟାଳୟର କଂଟ୍ରାକସନ କାମ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ଜିଲାପାଳ ସିଂ କୋମନା ବ୍ଲକର ଜୟ କିଷାନ ଉଚ୍ଚ ବିଦ୍ୟାଳୟ ଲଖନା ପରିଦର୍ଶନ କରି ସମରସିଂ ଉଚ୍ଚ ବିଦ୍ୟାଳୟ, ଝଗ୍ରାହୀଠାରେ ଥିବା ଓଡିଶା ସରକାରଙ୍କ ଆଦର୍ଶ ବିଦ୍ୟାଳୟ ଓ ଛତା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟଗୁଡ଼ିକରେ କାମ ଚାଲୁଥିବା ବେଳେ ବିଦ୍ୟାଳୟରେ ଥିବା ଶ୍ରେଣୀ କୋଠରୀଗୁଡିକୁ ବୁଲି ଦେଖିବା ସହ ଅଧିକାରୀଙ୍କୁ କାମ ଶୀଘ୍ର କାମ ଶେଷ କରିବା ପାଇଁ ତାଗିଦ କରିଥିଲେ। ଏହା ବ୍ୟତୀତ ବିଦ୍ୟାଳୟର ଜମିପଟ୍ଟା, ଖେଳ ପଡିଆ ବିଦ୍ୟାଳୟ ନାମରେ ଅନ୍ତର୍ଭୂକ୍ତ ଅଛି କି ନାହିଁ। ବିଦ୍ୟାଳୟରେ ପାଣି ସମସ୍ୟା ସହିତ ଅନ୍ୟାନ୍ୟ ସମସ୍ୟା ଉପରେ ପଚାରି ବୁଝିଥିଲେ। ଏହି ସମୟରେ ଜିଲାପାଳଙ୍କ ସମେତ କୋମନା ବିଡିଓ ସୁଶାନ୍ତ ରଣା, ଯନ୍ତ୍ରୀ କୁମୁଦା, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଭାନୁ ପ୍ରତାପ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ସମରସିଂ ଉଚ୍ଚ ବିଦ୍ୟାଳୟ ବୁଲି ଦେଖୁଛନ୍ତି।

## ଭାଜପାର ନୂତନ କର୍ମକର୍ତ୍ତା ଚୟନ

**କୋକସରା,୧୯।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଭାଜପା ପକ୍ଷରୁ ବୁଧବାର କୋକସରା ସରସ୍ୱତୀ ଶିଶୁ ମନ୍ଦିରରେ ସମ୍ବର୍ଦ୍ଧନା ସଭା ଓ ନୂତନ କର୍ମକର୍ତ୍ତା ଚୟନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ ଗୋଦାବରୀଶ ପାତ୍ରଙ୍କ ପରିଚାଳନାରେ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପାଢ଼ୀଯୋଷୀ, ଜିଲା କାର୍ଯ୍ୟକାରିଣୀ ବରିଷ୍ଠ ସଦସ୍ୟ ଜନାର୍ଦ୍ଦନ ପଣ୍ଡା, ଉପସଭାପତି ଲକ୍ଷ୍ମୀକାନ୍ତ ବାଗ, ଜିଲା ଉପସଭାପତି ପ୍ରଶାନ୍ତ ସାହୁ, ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟଦେବ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଅବସରରେ ଜିଲା ଏମ୍‌ପି ପ୍ରତିନିଧି ସୁଧୀର ରଞ୍ଜନ ପାଢ଼ୀଯୋଷୀ, କୋକସରା ବ୍ଲକ ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାତ୍ର ଓ ଘନଶ୍ୟାମ ନାଏକଙ୍କୁ ସମ୍ବର୍ଦ୍ଧନା ଦେବା ସହ କିପରି ଏମ୍‌ପିଙ୍କ ସମସ୍ତ କାର୍ଯ୍ୟ ଜିଲାର ସମସ୍ତ ବ୍ଲକରେ ସଫଳ ରୂପାୟନ କରିବା ଓ ଲୋକଙ୍କ ମୌଳିକ ସମସ୍ୟା ପ୍ରତି ସଜାଗ ରହିବା ନେଇ ଆଲୋଚନା ହୋଇଥିଲା। ଏହା ବ୍ୟତୀତ କୋକସରା ମଣ୍ଡଳର ନୂତନ ସଭାପତି ଭାବେ ସର୍ବସମ୍ମତି କ୍ରମେ ଦୁର୍ଗା ପ୍ରସାଦ ପ୍ରଧାନୀଙ୍କୁ ମନୋନୀତ କରାଯାଇଛି। କୋକସରା ମଣ୍ଡଳ ସମ୍ପାଦକ ତ୍ରିନାଥ ଶବର, ଜିଲା କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଗଣେଶ ନନ୍ଦ, ଆମପାଣି ମଣ୍ଡଳ ସଭାପତି ଅର୍ଜୁନ ଭାଟି, ସମ୍ପାଦକ ମଧୁବନ ପାତ୍ର ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ।

# ୭୧ ଜଣଙ୍କୁ ଭତ୍ତା ବଣ୍ଟନ କଲେ ବ୍ଲକ ଅଧ୍ୟକ୍ଷ



ଜଣେ ମହିଳାଙ୍କୁ ବ୍ଲକ ଅଧ୍ୟକ୍ଷ ଭତ୍ତା ପ୍ରଦାନ କରୁଛନ୍ତି।

**ଗୋଲାମୁଣ୍ଡା,୧୯।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ବ୍ଲକର ୧୪ଟି ପଞ୍ଚାୟତ ଗସ୍ତ କରି ଗୁରୁବାର ଭତ୍ତା ବଣ୍ଟନ କରିଛନ୍ତି। ବ୍ଲକ ଅଧୀନ ଗୋଲାମୁଣ୍ଡା, ଖଳିଆକାନି, ନକଟିକାନି, ବୃନ୍ଦାବାହାଲ, ଗଣ୍ଡାମେର, ଖମାରହଳଦୀ, ଦଶପୁର, ଚିଚିଆ, ଧାମନପୁର, ଫୁଣ୍ଡା, ବୋରଗୁଡା, ରେଙ୍ଗସାପାଳି ଆଦି ପଞ୍ଚାୟତଗୁଡିକରେ ସମୁଦାୟ ୭୧ଜଣଙ୍କୁ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତ୍ତା ବଣ୍ଟନ କରିଛନ୍ତି। ଶନିବାର ଆହୁରି ୧୪ଟି ପଞ୍ଚାୟତଗୁଡିକରେ ୨୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତ୍ତା ବଣ୍ଟନ କରାଯିବା ବୋଲି ଜଣାପଡ଼ିଛି। ବ୍ଲକ ଅଧ୍ୟକ୍ଷ ଦୈନନ୍ଦିନ ତାଙ୍କ ବାସଭବନରେ ଜନ ଶୁଣାଣି ଶିବିର ଆୟୋଜନ କରି ଲୋକଙ୍କ ସମସ୍ୟା ଉପରେ ଆଲୋଚନା କରିଥାନ୍ତି। ଜନଶୁଣାଣି ଶିବିରରେ ଲୋକେ ଅଭିଯୋଗ ପରେ ଗୁରୁବାର ଅନେକ ଲୋକ ନୂତନ ଭତ୍ତା ପାଇ ପାରିଛନ୍ତି। ଏହି ଯୋଜନା ମଧ୍ୟରେ ଭତ୍ତା ଗୋଟିଏ ମୁଖ୍ୟ ଯୋଜନା ବୋଲି ବ୍ଲକ ଅଧ୍ୟକ୍ଷ ମହାନନ୍ଦ ମତପ୍ରକାଶ କରିବା ସହ ଯେପରି ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ ଜଣେ ବି ବ୍ୟକ୍ତି ଯୋଜନାରୁ ବାଦ ପଡିବେ ନାହିଁ ସେ ଉପରେ ସେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷଙ୍କ ସମେତ ଗୋଲାମୁଣ୍ଡା ବିଡିଓ ସ୍ନିଗ୍ଧାରାଣୀ ପ୍ରଧାନ, ଗୋଲାମୁଣ୍ଡା ଓ ଦଶପୁର ଜୋନ ଜିଲା ପରିଷଦ ସଭ୍ୟା ହେମାଙ୍ଗିନୀ ରାଉତ ଓ ସରୀତା ମାଝି, ବ୍ଲକ ଉପାଧ୍ୟକ୍ଷା ପଞ୍ଚମୀ ଦୀପ, ସମସ୍ତ ପିଇଓ, ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସମେତ ସମସ୍ତ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ରହିଥିଲେ।

# ଅର୍ଥନୈତିକ ସଚେତନତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

**ନୂଆପଡ଼ା ଅଫିସ,୧୯।୫**

ନୂଆପଡା ଜିଲା ସଦର ମହକୁମା ବ୍ଲକ ସଭାଗୃହଠାରେ ଅର୍ଥ ବିଭାଗ ଓଡିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ବୁଧବାର ଅର୍ଥନୈତିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ସ୍ୱଳ୍ପ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଧିକାରୀ ବିବେକାନନ୍ଦ ମହାନନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ନୂଆପଡା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ଏବଂ ମୁଖ୍ୟବକ୍ତା ଭାବେ ଡ.ଶିବ ପ୍ରସାଦ ବେହେରା ଯୋଗଦେଇଥିଲେ। ଏଲଡିଏମ ନୂଆପଡା ଲଳିତ ମେହେର, ଡିପିଏମ ଓଏଲଏମ ଟିମନ ବାରା, ଡିଡିଏମ ନାବାର୍ଡ ସରୋଜ ମେହେର ପ୍ରମୁଖ ଯୋଗଦେଇଥିଲେ। ସଚେତନତା କାର୍ଯ୍ୟକ୍ରମରେ ଲୋକେ ଚିଟଫଣ୍ଡ ସଂସ୍ଥାଠାରୁ କିଭଳି ସତର୍କ ରହିବେ ତଥା ନିଜ ଅର୍ଥ ଠିକ ଓ ସୁରକ୍ଷିତ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସରେ ରଖିବେ ଏହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସରକାରଙ୍କ ବିଭିନ୍ନ ଯୋଜନା ଯଥା ବିମା ସୁରକ୍ଷା ଯୋଜନାଗୁଡିକ ସବୁ ବର୍ଗର ଲୋକେ ଅନ୍ତର୍ଭୁକ୍ତ ହେବେ ଓ ଏହା ପାଇଁ ଗ୍ରାମାଞ୍ଚଳରେ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲାରେ ସ୍କୁଲ ଓ କଲେଜଗୁଡିକରେ ସଚେତନତା କାର୍ଯ୍ୟକ୍ରମ ପରବର୍ତ୍ତୀ ସମୟରେ ଆୟୋଜନ କରିବା ପାଇଁ ମୁଖ୍ୟଅତିଥି ପ୍ରଧାନ ଗୁରୁତ୍ୱ ଦେଇଥିଲେ।

# ଧର୍ମଗଡ଼ ଏନ୍‌ଏସିର ନିଜସ୍ୱ ୱେବ୍‌ସାଇଟ୍ ଲୋକାର୍ପିତ

**ଧର୍ମଗଡ,୧୯।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ ଏନ୍‌ଏସି କାର୍ଯ୍ୟାଳୟଠାରେ ଗୁରୁବାର ସ୍ଥାନୀୟ ଏନ୍‌ଏସିର ନିଜସ୍ୱ ୱେବସାଇଟ ଲୋକାର୍ପିତ ହୋଇଯାଇଛି। ୱେବସାଇଡ଼କୁ ସ୍ଥାନୀୟ ନଗରପାଳ ଅଶୋକ କୁମାର ମହାନ୍ତି, ଉପଜିଲାପାଳ ତଥା ନିର୍ବାହୀ ଅଧିକାରୀ ପାୱାର ସଚିନ ପ୍ରକାଶ ଲୋକାର୍ପିତ କରିଥିଲେ। ୱେବସାଇଡକୁ ନିର୍ମାଣ କରିଥିବା ଫାଉଣ୍ଡର ଅଫ କୋମାଟା ଇଣ୍ଟେଲେଟର ଘନଶ୍ୟାମ ଅଗ୍ରୱାଲ ଓ ବରିଷ୍ଠ କିରାଣୀ ରବୀନ୍ଦ୍ର ନାଥ ପରିଡା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ସହଯୋଗ କରିଥିଲେ। ଏହି ୱେବ ସାଇଡ nac-dharamgarh.in ନାମରେ ରହିଛି। ଏହି ସାଇଡ଼ରେ କଲ୍ୟାଣ ମଣ୍ଡପ ଏଗ୍ରିମ ବୁକିଂ, ଟ୍ରେଡ଼ ଲାଇସେନ୍ସ ଆବେଦନ, ଜନ୍ମ ମୃତ୍ୟୁ ପ୍ରମାଣପତ୍ର, ଆବାସ ଗୃହ, ରାଶନ କାର୍ଡ ଆବେଦନ କରିବା ସହିତ ବିଭିନ୍ନ ପ୍ରକାର ସମସ୍ୟା ସମାଧାନ ପାଇଁ ଅନଲାଇନ ମାଧ୍ୟମରେରେ ଲୋକେ ଏନ୍‌ଏସିକୁ ନ ଆସି ଏହି ୱେବ ସାଇଡର ସୁବିଧା ନେଇ ପାରିବେ ବୋଲି ନଗରପାଳ ଅଶୋକକୁମାର ମହାନ୍ତି ସୂଚନା ଦେଇଛନ୍ତି।



# ଡିବିଟି ମାଧ୍ୟମରେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

**ଜୁନାଗଡ଼,୧୯।୫(ଡି.ଏନ.ଏ.)**

କଳାହାଣ୍ଡିଜିଲା ଜୁନାଗଡ଼ବ୍ଲକକାର୍ଯ୍ୟାଳୟରେ ଗୁରୁବାର ନୂତନ ହିତାଧିକାରୀଙ୍କୁ ଡିବିଟି (ଇ ଟ୍ରାନ୍ସଫର) ମାଧ୍ୟମରେ ଭତ୍ତା ପ୍ରଦାନ କରାଯାଇଛି। ଏଥିରେ ବ୍ଲକର ୧୮୪ଜଣ ହିତାଧିକାରୀଙ୍କୁ ଡିବିଟି ମାଧ୍ୟମରେ ସିଧାସଳଖ ତାଙ୍କ ଆକାଉଣ୍ଟରେ ଭତ୍ତା ଟଙ୍କା ପ୍ରଦାନ କରାଯାଇଥିଲା। ଜୁନାଗଡ଼ ବିଡିଓ ଦୁଲାରାମ ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ସୁଧିରା ମେହେର, ଜୁନାଗଡ଼ ବ୍ଲକ ଅଧ୍ୟକ୍ଷା ସବିତା ମେହେର, ଉପାଧ୍ୟକ୍ଷ ପ୍ରମୋଦ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ବିଏସଏସଓ ତୁଷାର ରଞ୍ଜନ ସାହୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତ ସରପଞ୍ଚ, ପିଇଓମାନେ ଯୋଗଦେଇଥିଲେ।




ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର।

# ଫାଣ୍ଡି ଘେରିଲେ ଗ୍ରାମବାସୀ

### ସାନଭାଇ ଟାଙ୍ଗିଆ ଚୋଟରେ ବଡ଼ ଭାଇଙ୍କ ମୃତ୍ୟୁ ଘଟଣା

- ହତ୍ୟାକାରୀଙ୍କ ପରିବାର ଲୋକଙ୍କୁ ଗିରଫ ଦାବି
- ମୃତକଙ୍କ ପରିବାର ଲୋକଙ୍କୁ ଜୀବନରେ ମାରିବାକୁ ଧମକ

**ଭବାନୀପାଟଣା,୧୯।୫(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ପଣ୍ଡିଗାଁରେ ଗତ ୧୫ ତାରିଖରେ ପରକିୟା ପ୍ରୀତିକୁ ନେଇ ଏକ ହତ୍ୟାକାଣ୍ଡ ଘଟିଥିଲା। ଏଥିରେ ସାନ ଭାଇଙ୍କ ଟାଙ୍ଗିଆ ଚୋଟରେ ବଡ଼ ଭାଇଙ୍କ ମୃତ୍ୟୁ ହୋଇଥିଲା। ହତ୍ୟାକାରୀ ସାନଭାଇ ମରାଦେ ଟକରିଆଙ୍କ ଟାଙ୍ଗିଆ ଚୋଟରେ ବଡ଼ଭାଇ ଘାସିରାମ ଟକରିଆଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ମାରାଦେବଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପଟେ ହତ୍ୟାକାରୀ ମାରାଦେବଙ୍କ ପରିବାର ଲୋକେ ମୃତ ଘାସିରାମଙ୍କ ପରିବାର ଲୋକଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଫଳରେ ଗୁରୁବାର ଶତାଧିକ ଗ୍ରାମବାସୀ ହତ୍ୟାକାରୀ ମାରାଦେବଙ୍କ ପରିବାର ଲୋକଙ୍କୁ ଗିରଫ ଦାବିରେ ସ୍ଥାନୀୟ କର୍ଲାପଡା ଫାଣ୍ଡି ଘେରିଥିଲେ। ଘଟଣାସ୍ଥଳରେ ସଦର ଥାନା ଆଇଆଇସି ରଶ୍ମିତା ପ୍ରଧାନ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ସନ୍ଧ୍ୟାରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।



କର୍ଲାପଡା ଫାଣ୍ଡି ଆଗରେ ଗ୍ରାମବାସୀଙ୍କ ଆନ୍ଦୋଳନ।

**୧୬ କିଲୋଗ୍ରାମ ଗଞ୍ଜେଇ ଜବତ, ୩ ଗିରଫ**

**ନୂଆପଡ଼ା ଅଫିସ:** ନୂଆପଡା ଅବକାରୀ ବିଭାଗ ୩୫୩ ନଂ. ଜାତୀୟ ରାଜପଥ ଘାଟିପଡା ଛକଠାରେ ପାଟ୍ରୋଲିଂ କରୁଥିବା ବେଳେ ଏକ ଯାତ୍ରୀବାହୀ ବସ୍‌ରୁ ୧୬ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ମଧ୍ୟପ୍ରଦେଶର ୨ଜଣ ଭମରଲାଲ ମେଘପାଲ (୩୨) ଓ ଆଶଫାକ ହୁସେନ (୩୬) ଏବଂ ରାଜସ୍ଥାନର ତାପସ ବିଶ୍ୱାସ (୩୬)ଙ୍କୁ ଗିରଫ କରାଯାଇଛି। ଖଡିଆଳରୁ ନୂଆପଡା ଅଭିମୁଖେ ଆସୁଥିବା ଏକ ବେସକାରୀ ବସ୍‌ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଘାଟିପଡା ନିକଟରେ ବିଭାଗ ଅଟକାଇ ଚଢ଼ାଉ କରି ୧୬ କିଲୋଗ୍ରାମ ଗଞ୍ଜେଇ ଜବତ କରିଥିଲା।

## ସଂକ୍ଷେପରେ

### ବିନିକାରେ ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ ନେଇ ଜମି ଅଧିଗ୍ରହଣ ଜାରି

**ବିନିକା,୧୯।୫(ଡି.ଏନ୍.ଏ):** ସୁବର୍ଣ୍ଣପୁର ଜିଲା ବିନିକାରେ ମଡେଲ ବସଷ୍ଟାଣ୍ଡ ନିର୍ମାଣ ହେବ। ଏଥିପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ବିନିକା ଏନ୍‌ଏସି ଓ ରାଜସ୍ୱ ବିଭାଗ ପକ୍ଷରୁ ଏହି କାର୍ଯ୍ୟ ଚାଲିଛି। ସରକାରୀ ଜମି ଅଧିଗ୍ରହଣ କାର୍ଯ୍ୟ ବିନିକା ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ରୀକୁମାର ରଥ ଓ ବିନିକା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀଙ୍କ ନେତୃତ୍ୱରେ ଚାଲିଥିଲା। ବିନିକା ଥାନା ଅଧିକାରୀ ପବିତ୍ର ସାହୁ ଓ ଟିମ ତଥା ବିନିକା ଅଗ୍ନିଶମ ବିଭାଗ କର୍ମଚାରୀ ଜମି ଅଧିଗ୍ରହଣ ଅଭିଯାନରେ ସାମିଲ ହୋଇଥିଲା। ବିନିକା ସହରବାସୀ ଜମି ଅଧିଗ୍ରହଣ ପାଇଁ ପୂର୍ଣ୍ଣ ସମର୍ଥନ ଦେଉଥିବା ଏନ୍‌ଏସି ନିର୍ବାହୀ ଅଧିକାରୀ ଏବଂ ତହସିଲଦାର ମତପୋଷଣ କରିଛନ୍ତି। ଏନ୍‌ଏସିର ୧୯ଟି ଷ୍ଟଲ ,୪ଟି ଦୋକାନ ଓ ୨୬ଟି ଘରକୁ ଭଙ୍ଗାଯାଇ ଜମି ଅଧିଗ୍ରହଣ କରାଯାଇଥିବା ଜଣାପଡିଛି।

### ଡ୍ରେନ୍, ପାଇପ୍ ପାଣି ଯୋଗୁ ରାସ୍ତାରେ ଗର୍ତ୍ତ

**ମ.ରାମପୁର,୧୯।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ମ.ରାମପୁର ସହର ଦେଇ ଯାଇଥିବା ରାଜ୍ୟ ରାଜପଥ ୬ ତଥା ମୁଖ୍ୟ ସଡକ ଉପରେ ପାନୀୟ ପାଇପ ଜଳ ଯୋଗାଣର ଫଟା ପାଇପରୁ ପାଣି ନିର୍ଗତ ହୋଇ ଜମି ରହୁଛି। ଏହା ବାଦ୍ ରାସ୍ତାର ଉଭୟ ପାର୍ଶ୍ୱ ଡ୍ରେନ ପୋତି ହୋଇଥିବାରୁ ସାହି ବସ୍ତିର ପାଣି ମୁଖ୍ୟ ଡ୍ରେନରେ ଯାଇପାରୁନାହିଁ। ଏଥିଯୋଗୁ ରାସ୍ତାରେ ପାଣି ଜମୁଛି। ଜମି ଯାଉଥିବା ସ୍ଥାନରେ ଗର୍ତ୍ତ ସୃଷ୍ଟି ହୋଇଛି। ଏଥିଯୋଗୁ ରାସ୍ତାରେ ଗମନାଗମନ ପ୍ରଭାବିତ ହେଉଛି। ରାସ୍ତା ମରାମତି କଲେ ମଧ ପିଚୁ ରାସ୍ତା ଉପରେ ପାଣି ଜମିବା ଯୋଗୁ ରାସ୍ତାରେ ଗର୍ତ୍ତ ସୃଷ୍ଟି ହେଉଛି। ଏ ନେଇ ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ବିନୋଦ ସିଂହଙ୍କୁ ଦୃଷ୍ଟି ଆକର୍ଷଣ କରିବାରୁ ଅଳ୍ପ ଦିନ ମଧରେ ସମସ୍ୟା ସମାଧାନ କରାଯିବ। ଏ ନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀ ଚକ୍ରଧର ବେହେରାଙ୍କୁ ପଚାରିବାରୁ ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀଙ୍କୁ ୧୫ ଦିନ ତଳେ ଅବଗତ କରିବା ସ୍ଥଳେ ମଧ ସୁଫଳ ମିଳିନାହିଁ। ପଞ୍ଚାୟତ ପକ୍ଷରୁ ଡ୍ରେନ ମଧ ସଫା କରାଯାଉନାହିଁ। ସରପଞ୍ଚ ବିଣାପାଣି ସାହୁ କହିଛନ୍ତି ଏହି ମାସ ମଧରେ ଡ୍ରେନ ସଫା କାମ ଆରମ୍ଭ ହେବ। ରାଜବାଟି ସମ୍ମୁଖ, ପୁରୁଣା ଅଫିସ ସମ୍ମୁଖ, ପୂର୍ତ୍ତ ବିଭାଗ ବଙ୍ଗଳା ସମ୍ମୁଖ ଆଦି ସ୍ଥାନରେ ଏହି ସମସ୍ୟା ଅଧିକ ଦେଖାଦେଇଛି।

### ନୂତନ ଖେଳପଡ଼ିଆ ଭୂମିପୂଜନ ସହ ନିର୍ମାଣ କାର୍ଯ୍ୟ ଆରମ୍ଭ

**ଲାଞ୍ଜିଗଡ଼,୧୯।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଗ୍ରାମ ପଞ୍ଚାୟତ ଲାଞ୍ଜିଗଡ଼ସ୍ଥିତ ବଂଶଧାରା ନଦୀ କୂଳରେ ପ୍ରସ୍ତାବିତ ଖେଳ ପଡିଆର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ସହଯୋଗରେ ଭୂମିପୂଜାରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରିକ୍ଷିତ ନାଏକ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ସମିତି ସଭ୍ୟା ସୁମତି ମାଝି, ନାଏବ ସରପଞ୍ଚ ହରି ତାଣ୍ଡି, ସୁବାସ ଅଗ୍ରୱାଲଙ୍କ ସମେତ ଅଞ୍ଚଳର ଯୁବଗୋଷ୍ଠୀ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଲାଞ୍ଜିଗଡ଼ ଅଞ୍ଚଳରେ ଖେଳ ପଡିଆ ନ ଥିବା ଯୋଗୁ କ୍ରିଡ଼ାବିତମାନେ ନିରାଶ ହେଉଥିଲେ। ୨୦୨୧ ଅକ୍ଟୋବର ୩ରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ଦିଶାରୀ ଲାଞ୍ଜିଗଡ ଗସ୍ତରେ ଆସିଥିବା ବେଳେ ଲାଞ୍ଜିଗଡ ଯୁବଗୋଷ୍ଠୀ ଖେଳପଡିଆ ପାଇଁ ଦାବି କରିଥିଲେ।

# ଜୁନ୍ ପହିଲାରୁ ଖୋଲିବ କଣ୍ଟ୍ରୋଲ ରୁମ୍

**ବନ୍ୟାଜନିତ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ**

**ବୌଦ୍ଧ,୧୯।୫ (ସ୍ୱ.ପ୍ର.)**


ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକରେ ବୌଦ୍ଧ ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ।

ଆଗକୁ ମୌସୁମୀ ଆସୁଥିବାରୁ ମହାନଦୀ କୂଳରେ ଅବସ୍ଥିତ ବୌଦ୍ଧ ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧକ୍ଷତାରେ ପଞ୍ଚାୟତ ଭବନ ସମ୍ମିଳନୀ କକ୍ଷଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସୂଚନା ଆଦାନପ୍ରଦାନକୁ ବୈଠକରେ ପ୍ରାଥମିକତା ପ୍ରଦାନ କରାଯିବା ସହିତ ଆସନ୍ତା ଜୁନ ପହିଲାଠାରୁ ପ୍ରତି ବ୍ଲକ ଓ ସଦରମହକୁମାରେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେଥିପାଇଁ ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ ମୋବାଇଲ ନମ୍ବର ୭୯୯୧୦୭୬୯୯୯ ଜୁନ ପହିଲାରୁ କାର୍ଯ୍ୟକ୍ଷମ କରିବ ବୋଲି ସୂଚନା ଦିଆଯାଇଛି। ପ୍ରତି କଣ୍ଟ୍ରୋଲ ରୁମ୍‌ର ମୋବାଇଲ ନମ୍ବର ଜନସାଧାରଣଙ୍କ ନିମନ୍ତେ ସୂଚନା ଦେବାକୁ ପରାମର୍ଶ ଦିଆଯାଇଛି। ଜିଲାରେ ମହାନଦୀ ଓ ତେଲନଦୀ ଭଳି ଚିରସ୍ରୋତା ନଦୀ ପ୍ରବାହିତ ହେଉଥିବାବେଳେ ବର୍ଷା ସମୟରେ ବାଘନଦୀ ଓ ସାଲୁଙ୍ଗୀନଦୀ ଦେଇ ଆସୁଥିବା ପାହାଡର ପାଣି ଏବଂ ତାର ପ୍ରଖର ବେଗ ପ୍ରତିବର୍ଷ ଏଠାରେ ବନ୍ୟା ବିଭୀଷିକା ସୃଷ୍ଟି କରିଥାଏ। ତେଣୁ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲାପାଳ ବିଭିନ୍ନ ବିଭାଗ ପକ୍ଷରୁ ହୋଇଥିବା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ। ବିଶେଷ ଭାବରେ ନଦୀକୂଳ, ଆଡିବନ୍ଧ ଓ କେନାଲଗୁଡିକର ସୁରକ୍ଷା ଉପରେ ଆଲୋଚନା କରାଯିବା ସହିତ ବର୍ଷାର ପରିମାଣ ଓ ନଦୀପାଣିର ଗତି ରେକର୍ଡ କରାଯିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ବନ୍ୟା ସମୟରେ ଯୋଗାଯୋଗକୁ ଗୁରୁତ୍ୱ ଦିଆଯିବା ସହିତ ଠିକ୍ ରୋଡମେପ୍ ତିଆରି କରିବା, ବନ୍ୟାଞ୍ଚଳ ଗୁଡିକୁ ଚିହ୍ନଟ କରିବା,ପାଣିପାଗ ସମ୍ପର୍କରେ ଆଗୁଆ ସୂଚନା ସଂଗ୍ରହ କରିବା, ବନ୍ୟା ଚିହ୍ନଟ ଗ୍ରାମ ନିକଟରେ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ପାଇଁ ପାୱାର ବୋଟ୍ ଓ ଦେଶୀଡଙ୍ଗା ବ୍ୟବସ୍ଥା କରାଯିବା, ଯୋଗାଯୋଗ ପାଇଁ ପୋଲିସ ପକ୍ଷରୁ ଅସ୍ଥାୟୀ ୱାୟାରଲେସ ସେବା ସୁବିଧା ଉପଲବ୍ଧ କରାଇବା, ମୋବାଇଲ ସେବାକୁ ଯଥା ସମ୍ଭବ ଚାଲୁ ରଖାଯିବା, ବନ୍ୟା ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇ ସେଠାରେ ଆଗୁଆ ଶୁଖିଲା ଖାଦ୍ୟ, ଚାଉଳ, ଡାଲି ଆଦି ମହଜୁଦ ରଖାଯିବା ଉପରେ ଆଲୋଚନା ହୋଇଥିଲା। ଏହା ସହିତ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୋବାଇଲ ହେଲଥ ଟିମ୍ ସହିତ ସମସ୍ତ ଚିକିତ୍ସାଳୟରେ ଆବଶ୍ୟକୀୟ ଜରୁରୀ ଔଷଧ ମହଜୁଦ ରଖାଯିବା ଏବଂ ଗୃହପାଳିତ ପଶୁମାନଙ୍କ ପାଇଁ ଖାଦ୍ୟ, ଔଷଧ ଆଦି ମହଜୁଦ ରଖିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଉପରେ ଆଲୋଚନା କରାଯାଇ ସହରର ବିଦ୍ୟୁତ୍ ତାରଗୁଡିକୁ କେବୁଲ କରିବା, ଫୁଲବାଣୀ ଏବଂ ବଲାଙ୍ଗୀର ପଟୁ ନିରନ୍ତର ବିଦ୍ୟୁତ୍ ସେବା ପାଇଁ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ତେଣୁ ଏହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଜିଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସେହିପରି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତି ଚିକିତ୍ସାଳୟରେ ସାପ କାମୁଡା ଇଞ୍ଜେକସନ ମହଜୁଦ ରଖିବା, ଜଳସମ୍ପଦ ବିଭାଗ ପକ୍ଷରୁ ଯୁଦ୍ଧକାଳୀନଭିତ୍ତିରେ ସ୍ଲୁଇସ ଗେଟ୍ ଗୁଡିକର ମରାମତି କରାଯିବା ଓ କେନାଲ ଏବଂ ଆଡିବନ୍ଧଗୁଡିକର ସୁରକ୍ଷା ଯାଞ୍ଚ କରାଯିବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଜଳସମ୍ପଦ ବିଭାଗ ପକ୍ଷରୁ ବନ୍ୟା ସମୟରେ ସମସ୍ତ ବିଭାଗୀୟ କାର୍ଯ୍ୟ ପରିଚାଳନା ପାଇଁ କର୍ମଚାରୀମାନଙ୍କ ୪ମାସ ପାଇଁ ଛୁଟି ବାତିଲ କରାଯାଇଥିବା ସୂଚନା ଦିଆଯାଇଥିଲା। ସେହିପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯେକୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ସବୁବେଳେ ପ୍ରସ୍ତୁତ ରହିବାକୁ ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଜିଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ, ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶ୍ୱିନୀ କୁମାର ମେହେର, ଜରୁରୀକାଳିନ ଅଧିକାରୀ ଅବନୀକାନ୍ତ ସାହୁ, ସାଂସଦ ପ୍ରତିନିଧି ତାରେଣି ମହାପାତ୍ରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ବଢ଼ିଚାଲିଛି ବେଆଇନ ବାଲି ଚୋରା ଚାଲାଣ

**ବାଉଁଶୁଣୀ,୧୯।୫ (ଡି.ଏନ.ଏ.)**

ବୌଦ୍ଧ ତହସିଲ ଅନ୍ତର୍ଗତ ବାଉଁଶୁଣୀ ଓ ଦହ୍ୟା ରାଜସ୍ୱ ସର୍କଲର ବିଭିନ୍ନ ବାଲିଘାଟରୁ ପ୍ରତ୍ୟେକ ଦିନ ଶହଶହ ଟ୍ରିପ ବାଲି ଟ୍ରାକ୍ଟର ଦ୍ୱାରା ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। କିଛିଦିନ ପୂର୍ବରୁ ବୌଦ୍ଧ ତହସିଲ ପକ୍ଷରୁ ବାଉଁଶୁଣୀ ଏବଂ ଦହ୍ୟା ଅଞ୍ଚଳରୁ ବେଆଇନ ଭାବେ ଲଘୁ ଖଣିଜ ସମ୍ପଦ ପରିବହନ କରୁଥିବା ଯାନବାହାନକୁ ଅଟକ ରଖି ହଜାର ହଜାର ଟଙ୍କା ଜରିମାନା ଆଦାୟ କରାଯାଉଥିଲା । ହେଲେ ପରିତାପର ବିଷୟ ନୂତନ ଭାବରେ ଯୋଗଦାନ ଦେଇଥିବା ବୌଦ୍ଧ ତହସିଲଦାର ଅବିନାଶ ପାଣ୍ଡିଆଙ୍କୁ ବଦଳି କରି ବୌଦ୍ଧ ବିଡ଼ିଓ ଦାୟିତ୍ୱ ଦିଆଯାଇଛି ଓ ବୌଦ୍ଧ ବିଡ଼ିଓ ଦେବୀ ପ୍ରସାଦ ଦାଶଙ୍କୁ ତହସିଲଦାର କରାଯାଇଛି। ପାଣ୍ଡିଆ ବାରମ୍ବାର ବାଲି, ଇଟା, ପଥରର ବେଆଇନ ଚାଲାଣ ଓ ରାଜସ୍ୱ ଫାଙ୍କି ଉପରେ ଚଢ଼ାଉ କରୁଥିବା ହେତୁ ରାଜନେତାଙ୍କ ଚାପରେ ତାଙ୍କୁ ତହସିଲଦାର ପଦବୀରୁ ହଟାଇ ଦିଆଗଲା ବୋଲି ଆଲୋଚନା ହେଉଛି । ସତକୁ ସତ ସେହି ଦିନଠାରୁ ଖୁଲମଖୁଲା ଭାବରେ ବୌଦ୍ଧ ତହସିଲ ଅଞ୍ଚଳରେ ଚାଲିଛି ବେଆଇନ ବାଲି ଚୋରା ଚାଲାଣ ଓ ବେଆଇନ ଇଟାଭାଟି ନିର୍ମାଣ। ଏବେ ବାଉଁଶୁଣୀ ଅଞ୍ଚଳରେ ବଢିବାରେ ଲାଗିଛି ବେଆଇନ ଇଟାଭାଟି। ଏବେ ବୌଦ୍ଧ ଜିଲାରେ ୪୦ ଡିଗ୍ରୀରୁ ଅଧିକ ତାପମାତ୍ରା ରହିଥିବା ବେଳେ ଏହି ଇଟାଭାଟି ନିଆଁରେ ଆହୁରି ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଛି। ତୁରନ୍ତ ଏହି ବେଆଇନ ବାଲି ଚୋରା ଚାଲାଣ ଓ ବେଆଇନ ଇଟାଭାଟି ନିର୍ମାଣ କାର୍ଯ୍ୟ ଉପରେ ଚଢ଼ାଉ କରି ଜରିମାନା ଆଦାୟ କରିବାକୁ ଦାବି ହେଉଛି।

## ମାଷ୍ଟର କଲୋନିବାସୀଙ୍କୁ ଅପହଞ୍ଚ ମୌଳିକ ସୁବିଧା

**ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ**

**ପଦ୍ମପୁର,୧୯।୫(ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଅଧୀନ ମାଷ୍ଟର କଲୋନୀବାସୀଙ୍କୁ ମୌଳିକ ସୁବିଧା ଅପହଞ୍ଚ ହୋଇପଡିଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଗୁହାରି କଲେ ମଧ କୌଣସି ସୁଫଳ ମିଳୁ ନ ଥିବା କଲୋନୀବାସୀ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, ପଦ୍ମପୁର ଏନ୍‌ଏସିର ସବୁ ଘରକୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଣ, ପରିମଳ ବ୍ୟବସ୍ଥାରେ ସୁଧାର, ରାସ୍ତା ଆଲୋକୀକରଣ ତଥା ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ପ୍ରତ୍ୟେକ ଘର ମାଲିକଙ୍କଠାରୁ ଟିକସ ଆଦାୟ କରାଯାଉଛି। ମାତ୍ର ଏହି ଏନ୍‌ଏସି ଅଧୀନରେ ଥିବା ୱାର୍ଡ ନଂ.୨ର ମାଷ୍ଟର କଲୋନୀ ବାସିନ୍ଦା ଏହି ସବୁ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଆଜି ପର୍ଯ୍ୟନ୍ତ ଏହି ପଡାକୁ ପାଇପ ପାଣି ସଂଯୋଗ ହୋଇପାରିନାହିଁ। ସେହିପରି କଂକ୍ରିଟ ରାସ୍ତା କାମ ଅଧାପନ୍ତରିଆ ହୋଇ ପଡିରହିଛି। ଏପର୍ଯ୍ୟନ୍ତ ପରିଷଦ ପକ୍ଷରୁ ଡ୍ରେନ ମଧ ନିର୍ମାଣ ହୋଇନାହିଁ। ଏ ନେଇ ପଡା ବାସିନ୍ଦା ପୂର୍ବରୁ ବହୁଥର ନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ ମଧ କିଛି ସମାଧାନ ହୋଇପାରିନାହିଁ। ଏ ସମ୍ପର୍କରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଜୟନ୍ତ କୁମାର ସାହୁଙ୍କୁ ପଚାରିବାରୁ ସେ କହିଲେ, ମୁ ଏଠାରେ ନୂତନ ଭାବେ ଯୋଗ ଦେଇଛି। ପୂର୍ବରୁ କ'ଣ ଅଭିଯୋଗ ହୋଇଛି, ମୁ ଜାଣିନାହିଁ। ଉକ୍ତ ପଡାବାସୀଙ୍କ ପକ୍ଷରୁ ଅଭିଯୋଗ ଆସିଲେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲିନିର୍ବାହୀଅଧିକାରୀ ସାହୁ କହିଥିଲେ।

## ମୌସୁମୀ ପୂର୍ବରୁ କେନାଲ ମରାମତି ପାଇଁ ଦାବି

**ବନ୍ଧେଶ୍ୱରୀ ଜଳସେଚନ ପ୍ରକଳ୍ପ**

**ପଦ୍ମପୁର,୧୯।୫(ଡି.ଏନ.ଏ)**

ଚଳିତବର୍ଷ ଓଡ଼ିଶାରେ ଆଗୁଆ ମୌସୁମୀ ବାୟୁ ପ୍ରବେଶ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହି କ୍ରମରେ ଚାଷୀମାନେ ଖରିଫ୍ ଚାଷ ପାଇଁ ପ୍ରସ୍ତୁତ ହେଲେଣି। ମାତ୍ର ବରଗଡ଼ ଜିଲା ପଦ୍ମପୁର ବ୍ଲକ ଦହିତାଠାରେ ଥିବା ବନ୍ଧେଶ୍ୱରୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅଧୀନ ମୁଖ୍ୟ କେନାଲ ଓ ଶାଖା କେନାଲଗୁଡିକ ଲଟାବୁଦା ଓ ଗଛ ଡାଳରେ ଭର୍ତ୍ତି ହୋଇରହିଛି। ଆଗାମୀ ବର୍ଷାଋତୁ ପୂର୍ବରୁ ଏହା ମରାମତି କରା ନ ଗଲେ ଜଳସେଚନରେ ଅସୁବିଧା ସୃଷ୍ଟି ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ୨୦୦୨ ମସିହାରେ ନିର୍ମିତ ଏହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ଦହିତା ଓ ଦହିଗାଁ ଗ୍ରାମପଞ୍ଚାୟତର ୯ ଖଣ୍ଡ ଗ୍ରାମର ପ୍ରାୟ ୧୭୨୨ ହେକ୍ଟର ଜମି ଜଳସେଚିତ ହେଉଛି। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବରୁ ତଳମୁଣ୍ଡକୁ ଠିକ୍ ଭାବେ ପାଣି ମାଡୁନାହିଁ। ସେହିପରି ପ୍ରତିବର୍ଷ କେନାଲ ସଫେଇ ନାଁରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହେଉଛି। ବର୍ତ୍ତମାନ କେନାଲଗୁଡିକର ଅବସ୍ଥା ଯାହା ଅଛି ସେଥିରେ ଚାଷଜମିକୁ ଜଳସେଚନ ସମ୍ଭବ ନୁହେଁ। କେନାଲଗୁଡିକରେ ଲଟାବୁଦା ହୋଇ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଅନେକ ସ୍ଥାନରେ କେନାଲ ହିଡ କଟିଯାଇଥିବାରୁ ମରାମତି ଜରୁରି ହୋଇପଡିଛି। ମୌସୁମୀ ବର୍ଷା ପୂର୍ବରୁ କେନାଲଗୁଡିକର ଶୀଘ୍ର ମରାମତି କାର୍ଯ୍ୟ କରିବା ପାଇଁ ଚାଷୀ ଦୀନବନ୍ଧୁ ବିଶ୍ୱାଳ, ସୁଦାମ ଦାଶ, ନୀଳାମ୍ବର ସାହୁ, ବିନୋଦ ପାଣ୍ଡେ ପ୍ରମୁଖ ଦାବିକରିଛନ୍ତି। ଏ ସମ୍ପର୍କରେ ପଦ୍ମପୁର କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ହେମନ୍ତ ମାରାଣ୍ଡିଙ୍କୁ ପଚାରିବାରୁ ସେ କହିଲେ, କେନାଲ ମରାମତି ବାବଦରେ ଆମେ ଅବଗତ ଅଛୁ। ଏଷ୍ଟିମେଟ୍ ଚାଲିଛି। ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ ବୋଲି ମାରାଣ୍ଡି କହିଥିଲେ।

## ସୂଚନା ଦେବାକୁ ପୋଲିସ ଅମଙ୍ଗ

**ପୋଲିସ ପକ୍ଷରୁ ବିପୁଳ ମାତ୍ରାରେ ଗଞ୍ଜେଇ ଜବତ ନେଇ ଚର୍ଚ୍ଚା**

**ବୌଦ୍ଧ,୧୯।୫ (ସ୍ୱ.ପ୍ର.)**

ବୌଦ୍ଧ ଜିଲାରେ ବ୍ୟାପକ ଭାବେ ଗଞ୍ଜେଇ ଚାଷ ଓ ବହୁ ମାତ୍ରାରେ ଗଞ୍ଜେଇ ଜିଲା ବାହାରକୁ ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମାମଲା ମରାଯାଉଛି। କିନ୍ତୁ ବୌଦ୍ଧ ଜିଲାରୁ ଗଞ୍ଜେଇ ଚାଲାଣ ସମୟରେ ଅନ୍ୟ ଜିଲାରେ ଧରାପଡୁଥିବା ଜଣାପଡିଛି। ବୁଧବାର ରାତିରେ ବୌଦ୍ଧ ପୋଲିସ ପକ୍ଷରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଥିବା ନେଇ ଜିଲାରେ ଚର୍ଚ୍ଚା ଜୋର ଧରିଛି। ମିଳିଥିବା ସୂଚନା ମୁତାବକ ଗତ ବୁଧବାର ରାତିରେ ବଘିଆପଡ଼ା ଓ ଶଗଡା ସୀମାନ୍ତ ଜଙ୍ଗଲର ବରାଖାଇ ଜଙ୍ଗଲରେ ଗଞ୍ଜେଇ ଚାଲାଣ ପାଇଁ ଡିଲ ଚାଲିଥିବାବେଳେ ବୌଦ୍ଧ ପୋଲିସ ଓ ବଘିଆପଡା ଫାଣ୍ଡିପକ୍ଷରୁ ରାତିରେ ଚଢାଉ କରାଯାଇଥିଲା। ବିପୁଳ ପରିମାଣରେ ଗଞ୍ଜେଇ ଜବତ ସହ ଜଣଙ୍କୁ ଅଟକ ରଖାଯାଇଥିବା ନେଇ ଗୁରୁବାର ଜିଲାରେ ଚର୍ଚ୍ଚା ଜୋର ଧରିଛି। ୧୦ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ କରିଥିବାନେଇ ଶୁଣାଯାଉଥିବାବେଳେ ପିସ୍ତଲ ମଧ୍ୟ ଜବତ କରିଥିବା ଚର୍ଚ୍ଚା ଜୋର ଧରିଛି। ଗତ ବୁଧବାର ରାତିରୁ ଗଞ୍ଜେଇ ଜବତ କରିଥିବା ନେଇ ଜିଲାରେ ଚର୍ଚ୍ଚା ଜୋର ଧରିଥିବା ବେଳେ ବୌଦ୍ଧ ପୋଲିସ ତଥ୍ୟ ଦେବାକୁ କୁଣ୍ଠକୁଣ୍ଠ। ଘଟଣା ସମ୍ପର୍କରେ ଜାଣିବା ପାଇଁ ବୌଦ୍ଧ ଥାନା ଅଧିକାରୀ ମାଧବାନନ୍ଦ ନାଏକଙ୍କୁ ଫୋନ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

## ଡିଇଓ ଅଫିସ ଆଗରେ ଧାରଣା



ଡିଇଓଙ୍କ ଅଫିସ ଆଗରେ ଓଷ୍ଟା ବରଗଡ଼ ଜିଲା ଶାଖାର ଧାରଣା।

**ବରଗଡ଼ ଅଫିସ,୧୯।୫**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ବରଗଡ଼ ଜିଲା ପକ୍ଷରୁ ଗୁରୁବାର ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ଓ ଧାରଣା ଦିଆଯାଇଥିଲା। ସରକାରଙ୍କ ଚଞ୍ଚକତାପୂର୍ଣ୍ଣ ସପ୍ତମ ବେତନ ପ୍ରଦାନ ନିଷ୍ପତ୍ତିର ଦୃଢ଼ ବିରୋଧ କରାଯିବା ସହିତ ୨୦୨୧ ଡିସେମ୍ବର ୩୧ତାରିଖ ସୁଦ୍ଧା ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ଅବିକଳ ସପ୍ତମ ବେତନ ପ୍ରଦାନ, ଅଣଅନୁଦାନପ୍ରାପ୍ତ ୧୭୭ ବିଦ୍ୟାଳୟକୁ ପୂର୍ଣ୍ଣ ପ୍ରତ୍ୟକ୍ଷ ଅନୁଦାନ ପ୍ରଦାନ, ୬୧୯ ପ୍ଲସ୍ ୪୮ବିଦ୍ୟାଳୟକୁ ସରକାରୀକରଣ କରିବାକୁ ଦାବି କରାଯାଇଥିଲା। ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏ ନେଇ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଛପଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଓଷ୍ଟାର ନୀଳମଣି ପୁରୋହିତ, ଆନନ୍ଦ ସାହୁ, ଆଶୁତୋଷ ପ୍ରସାଦ ରଥ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ଜିଲା ସମ୍ପାଦକ ସଞ୍ଜୟ ସିଂ, ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପ୍ରଧାନ, ଅନୁସୂୟା ଦେବତା, ଜଗନ୍ମୟୀ ମିଶ୍ର, ସୁବାଷ ଦାଶ, ସୁଦାମ ମିଶ୍ର ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଦୁର୍ଘଟଣା ରୋକିବାକୁ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ

**ବୌଦ୍ଧ,୧୯।୫ (ସ୍ୱ.ପ୍ର.)**

ବୌଦ୍ଧ ଜିଲାରେ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇ ଚାଲିଥିବାବେଳେ ଏହାକୁ ରୋକିବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ଗତ ସଡକ ସୁରକ୍ଷା ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଜିଲାରେ ନୂତନ ଆଞ୍ଚଳିକ ପରିବହନ ଅଧିକାରୀ ଭାବରେ ବସନ୍ତ କୁମାର ମହାନ୍ତି ଯୋଗଦେବା ପରେ ଦୁର୍ଘଟଣା ସଂଖ୍ୟା କମାଇବାକୁ ଯୋଜନା କରି ମେ ୧୫ ଠାରୁ ମେ ୨୨ ଏକ ସପ୍ତାହ ବ୍ୟାପୀ ଗାଡିଚାଳକମାନଙ୍କୁସଚେତନକରାଇବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ସପ୍ତାହ ମଧ୍ୟରେ ବ୍ୟାପକ ଭାବରେ ଗାଡିମୋଟର ଯାଞ୍ଚ କରାଯିବା ସହିତ ବେପରୁଆ ଗାଡିଚାଳକଙ୍କ ନାମରେ ଚାଲାଣ କରାଯାଇଥିବା ଜଣାଯାଇଛି। ମିଳିଥିବା ସୂଚାନ ମୁତାବକ ୪ ଦିନ ମଧ୍ୟରେ ୧୫୯ ଜଣ ଗାଡିଚାଳକଙ୍କ ନାମରେ ଚାଲାଣ କଟାଯାଇଛି। ସେହିପରି ବିନା ହେଲମେଟରେ ଯାତ୍ରା କରୁଥିବା ୮୭ଜଣ ବାଇକ୍ ଚାଳକଙ୍କ ନାମରେ ଚାଲାଣ କଟାଯାଇଛି। ଦୁଇରୁ ଅଧିକ ଯାତ୍ରୀ ବସି ବାଇକ୍‌ରେ ଯାତ୍ରା କରୁଥିବା କାରଣରୁ ୧୦ ଜଣ ଓ ୨୫ ଜଣ ଗାଡି ଚାଳକଙ୍କ ଲାଇସେନ୍ସ ନିଲମ୍ବିତ କରାଯାଇଥିବା ଜଣାଯାଇଛି। ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଲଗାତାର ଭାବରେ ସପ୍ତାହ ବ୍ୟାପୀ ଏହି ଚଢାଉ ଦ୍ୱାରା ବେପରୁଆ ଗାଡି ଚାଳକଙ୍କ ଉପରେ ଲଗାମ ଲାଗିପାରିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ୧୭ଦଫା ଦାବି ନେଇ ଆମ୍ ଆଦ୍‌ମୀ ପାର୍ଟି ତରଫରୁ ଦାବିପତ୍ର ପ୍ରଦାନ

**ଅମରପାଲି,୧୯।୫(ଡି.ଏନ.ଏ.)**


ଆମ୍ ଆଦ୍‌ମୀ ପାର୍ଟି ତରଫରୁ କର୍ମୀମାନେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଯାଉଛନ୍ତି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରରେ ଗୁରୁବାର ଆମ ଆଦମୀ ପାର୍ଟି ତରଫରୁ ୧୭ ଦଫା ଦାବି ନେଇ ଏକ ଦାବିପତ୍ର ଉପଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ଆମ ଆଦମୀ ପାର୍ଟି ଜିଲା ସମ୍ପାଦକ ସୁରେଶ କଲତାଙ୍କ ନେତୃତ୍ୱରେ ଦଳର କର୍ମୀମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଶୋଭାଯାତାରେ ବାହାରି ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଏହି ଅବସରରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଦାବିପତ୍ରରେ ବୀରମହାରାଜପୁରକୁ ବିଜ୍ଞାପିତ ଅଞ୍ଚଳ ଭାବେ ଘୋଷଣା କରିବା, ଟାଟା ପାୱାରର ମନୋମୁଖୀ ବିଦ୍ୟୁତ ବିଲ ଆଦାୟ ବନ୍ଦ କରିବା, ପ୍ରତି ଗ୍ରାମ ଓ ପଞ୍ଚାୟତରେ ପଲ୍ଲୀସଭା ଓ ଗ୍ରାମସଭା କରିବା, ସ୍ଥାନୀୟ ବସଷ୍ଟାଣ୍ଡ ଓ ଶୌଚାଳୟ କାର୍ଯ୍ୟକ୍ଷମ କରିବା, ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ କରିବା ଓ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରେ ଘର ପ୍ରଦାନ କରିବା, ମହାନଦୀରେ ଦେଉଳି-ବାଉଁଶୁଣୀକୁ ସଂଯୋଗ କରିବାକୁ ପ୍ରସ୍ତାବିତ ସେତୁ କରିବା,ସମ୍ବଲପୁର-ବ୍ରହ୍ମପୁର ରେଳଲାଇନ ବୀରମହାରାଜପୁର ଦେଇଯିବା, ପ୍ରତି ପରିବାରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା,ବୀରମହାରାଜପୁରର ସବୁ ଛକରେ ଷ୍ଟ୍ରିଟ ଲାଇଟ ଲଗାଇବା ଆଦି ଦାବି ଉଲ୍ଲେଖ ରହିଛି।

## ତଦନ୍ତ ପାଇଁ ଯାଇଥିବା ଅଧିକାରୀଙ୍କୁ ତାଲା ପକାଇଲେ ଗ୍ରାମବାସୀ

**ଟେଭାପଦର ସ୍କୁଲରୁ ୪୫ ବସ୍ତା ଚାଉଳ ଚୋରି ଘଟଣା**

**ଅମରପାଲି,୧୯।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ପିତାମହୁଲ ପଞ୍ଚାୟତର ଟେଭାପଦର ୟୁପି ସ୍କୁଲରୁ ଗତ ୭ ତାରିଖରେ ୪୫ ବସ୍ତା ଚାଉଳ ଚୋରି ହୋଇଥିଲା। ଗୁରୁବାର ଏକ ଟିମ ଆସି ଏହାର ତଦନ୍ତ କରିଛନ୍ତି। ମାତ୍ର ତଦନ୍ତ ଏକପାଖିଆ ହେଉଥିବା ଅଭିଯୋଗ କରି ଗ୍ରାମବାସୀ ସ୍କୁଲ ଫାଟକରେ ତାଲା ପକାଇ ତଦନ୍ତକାରୀ ଟିମ୍‌ଙ୍କୁ ପ୍ରତିବାଦ କରିଛନ୍ତି। ପ୍ରକାଶ ଯେ, ଉକ୍ତ ସ୍କୁଲରେ ମଧ୍ୟାହ୍ନ ଭୋଜନ ପାଇଁ ୬୨ ବସ୍ତା ଚାଉଳ ରଖାଯାଇ ଥିଲା। ସେଥିରୁ ୪୫ ବସ୍ତା ଚାଉଳ,୨ଟି ସାଇକେଲ ଓ ୪ଟି ପଙ୍ଖା ଚୋରି ହୋଇଥିଲା। ଚୋରି ହେବାର ୫ ଦିନ ପରେ ସ୍କୁଲର ପ୍ରଧାନଶିକ୍ଷକ ସୁବଳୟା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଜଣେ ନାବାଳକ ସମେତ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ଏନେଇ ଗ୍ରାମବାସୀ,ସ୍କୁଲ ପରିଚାଳନା କମିଟିର କେତେକ ସଦସ୍ୟ ଓ ୪ ଜଣ ୱାର୍ଡ ସଭ୍ୟାସଭ୍ୟ ବୁଧବାର ସୁବର୍ଣ୍ଣପୁର ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରି ନିରପେକ୍ଷ ତଦନ୍ତ ପାଇଁ ଦାବି କରିଥିଲେ। ଏପରି କି ସ୍କୁଲରୁ ଚୋରି ହୋଇଥିଲେ ମଧ ଝରକା କବାଟ ଭଙ୍ଗା ଯାଇ ନ ଥିବା ବେଳେ ତାଲା ମଧ ଭଙ୍ଗା ଯାଇ ନ ଥିଲା। ସ୍କୁଲ ର ଚାବି ପ୍ରଧାନଶିକ୍ଷକଙ୍କ ନିକଟରେ ଥିବାରୁ ତାଙ୍କୁ ମଧ ତଦନ୍ତ ପରିସରକୁ ଅଣାଯାଉ ବୋଲି ଦାବି କରିଥିଲେ। ଅଭିଯୋଗ ପରେ ଗୁରୁବାର ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର କୁମ୍ଭକାର, ସୁବଳୟା ଥାନାର ଏସଆଇ ଦିପ୍ତୀ ରଞ୍ଜନ ଦିଗାଲ ଓ ସ୍ଥାନୀୟ ସିଆରସିସି ଜଗ୍ନେଶ୍ୱର ଦୀପ ପ୍ରମୁଖଙ୍କୁ ନେଇ ଏକ ଟିମ ଉକ୍ତ ସ୍କୁଲକୁ ଯାଇଥିଲେ । ଏହି ଟିମ୍ ସ୍କୁଲ ଭିତରେ ଶିକ୍ଷକ ଓ ସ୍କୁଲ ପରିଚାଳନା କମିଟିର ସଦସ୍ୟଙ୍କୁ ନେଇ ତଦନ୍ତ କରିଥିଲେ। ମାତ୍ର ତଦନ୍ତ ବେଳେ ଭିତରୁ ଗେଟ ବନ୍ଦ କରିବା ସହିତ ଅନ୍ୟ କାହାକୁ ଭିତରକୁ ଛଡାଯାଇ ନ ଥିଲା। ଫଳରେ ଗ୍ରାମବାସୀ ଏଥିରେ ଅସନ୍ତୋଷ ପ୍ରକାଶ କରିଥିଲେ। ଘଟଣାର ଏକପାଖିଆ ତଦନ୍ତ ହେଉଥିବା ଅଭିଯୋଗ କରିବା ସହିତ ପ୍ରଧାନଶିକ୍ଷକଙ୍କୁ ଘଣ୍ଟ ଘୋଡା ଯାଉଥିବା ଅଭିଯୋଗ କରି ସ୍କୁଲ ସମ୍ମୁଖରେ ପାଟିତୁଣ୍ଡ କରିଥିଲେ। ଏପରି କି ସେମାନେ ସ୍କୁଲ ଫାଟକରେ ତାଲା ମାରି ତଦନ୍ତ ଅଧିକାରୀଙ୍କୁ ପ୍ରତିବାଦ କରିଥିଲେ। ପରେ ପୋଲିସ ଉପସ୍ଥିତିରେ ତାଲା ଖୋଲା ଯାଇଥିଲା।

## ଲୁଟୁରପଙ୍କ ଗ୍ରାମୀଣ ଡାକସେବକ ଲଳିତ କର ପୁରସ୍କୃତ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁଟୁରପଙ୍କ ଡାକସେବକ ଲଳିତ କୁମାର କର ବଲାଙ୍ଗୀର ଡାକମଣ୍ଡଳରୁ ରାଜ୍ୟସ୍ତରରେ ପ୍ରଥମ ହୋଇ ପୁରସ୍କୃତ ହୋଇଛନ୍ତି । ଗ୍ରାମାଞ୍ଚଳରେ ଡାକ ଜୀବନ ବୀମା କାର୍ଯ୍ୟ କରିଥିବାରୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ପୁରୀଠାରେ ବୁଧବାର ଏକ ସ୍ୱତନ୍ତ୍ର ଉତ୍ସବରେ ଓଡିଶାର ମୁଖ୍ୟ ମହାଡାକପାଳକ ଶୁଭେନ୍ଦୁ କୁମାର ସ୍ୱାଇଁ, ଓଡିଶା ରାଜ୍ୟ ଡାକ ନିର୍ଦ୍ଦେଶକ ସୁବାଷ ବାରିକ ମିଳିତ ଭାବରେ କରଙ୍କୁ ମାନପତ୍ର ସହିତ ୨୦ ହଜାର ଆର୍ଥିକ ରାଶି ଓ ଉପହାର ପ୍ରଦାନ କରିଛନ୍ତି । ଡାକ ସେବକ ଏଭଳି ସମ୍ମାନରେ ସମ୍ମାନିତ ହୋଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି ।

## ସଂକ୍ଷେପରେ

### ଦୁଇ ପୃଥକ ଦୁର୍ଘଟଣାରେ ୨ ମୃତ

ଦେଓଗାଁ ,୧୯।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅଞ୍ଚଳରେ ବୁଧବାର ରାତିରେ ୨ଟି ପୃଥକ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ଭୂତିଆରବାହାଲ ବନ୍ଧପଡା ରାସ୍ତାର ହନୁମାନ ମନ୍ଦିର ନିକଟରେ ଏକ ଆଟୋକୁ ଇଣ୍ଡିକା ଧକ୍କା ଦେଇ ଫେରାର ମାରିଥିଲା। ତେବେ ଅଟୋରେ ବସିଥିବା ବଡବନ୍ଧ ଗାଁର ମେଘ ଚିନ୍ଦା (୩୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ତାଙ୍କ ସ୍ତ୍ରୀ ଶ୍ରୀମତୀ ଚିନ୍ଦା ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଖବରପାଇ ବନ୍ଧପଡା ଫାଣ୍ଡି ଅଧିକାରୀ ସରୋଜ କୁମାର ରଥ ପହଞ୍ଚି ଅଟୋକୁ ଜବତ କରିବା ସହ ତଦନ୍ତ କରିଥିଲେ । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସେହିପରି ୨୬ ନମ୍ବର ଜାତୀୟ ରାଜପଥର ରତନପୁର ନିକଟରେ ଜଣେ ବାଇକ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଛନ୍ତି। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି । ସୂଚନାନୁସାରେ ଗଞ୍ଜାମ ଜିଲା ଆସ୍କା ଛଟାପଡିଆ ଗ୍ରାମର ଦାସ କମଲେସ (୨୫) ଓ ଅନ୍ୟଜଣେ ବାଇକ୍‌ରେ ବଲାଙ୍ଗୀର ଅଭିମୁଖେ ଫେରୁଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ରତନପୁର ନିକଟରେ ଏକ ଗଛରେ ପିଟି ହୋଇ ଦୁର୍ଘଟଣାର ଶିକାର ହୋଇଥିଲେ । ସ୍ଥାନୀୟ ଅଗ୍ନିଶମ ବାହିନୀ ଉଭୟଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ନେଇଥିଲେ । ସେଠାରେ ଡାକ୍ତର ଦାସ କମଲେସଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଥିବା ଶିବାଜୀ ଦାସଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି ।

### ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ପାଇଁ କମିଟି ଗଠିତ

ଦେଓଗାଁ,୧୯।୫(ଡି.ଏନ.ଏ.):ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜୁନପୁର ପଞ୍ଚାୟତ ଅନ୍ତର୍ଗତ ଅଇଁଲାପାଲି ଗାଁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଭାବେ ଘୋଷଣା ହୋଇଥିବାରୁ ଗୁରୁବାର ଗାଁରେ କମିଟି ଗଠନ କରାଯାଇଛି । ଉବୁଇଓ ଜ୍ଞାନ ରଞ୍ଜନ ବଡଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ସ୍ଥାନୀୟ ସରପଞ୍ଚ ଗୀତା ଜଗଦଲା, ସଂପାଦକ ଭାବେ ଅଇଁଲାପାଲିର ୱାର୍ଡ ସଭ୍ୟାଙ୍କୁ ମନୋନୀତ କରାଯାଇଛି । ଏହି କମିଟିରେ ବିଡିଓ ରାମଦତ୍ତ ଭୋଇ, ଯନ୍ତ୍ରୀ ଜ୍ୟୋତି ରଞ୍ଜନ ମହାନ୍ତି, ସହକାରୀ ଯନ୍ତ୍ରୀ ମୋହନ ମହାଲିକ, ଏଏନଏମ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ତଥା ସଭ୍ୟବୃନ୍ଦ ରହିଛନ୍ତି। ଆଗାମୀ ଦିନରେ ଏହି ଗାଁକୁ ଆଦର୍ଶ ଗାଁ ଭାବେ ଗଢି ତୋଳିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦତ୍ତ ପାଣ୍ଠିରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଆଲୋଚନା କରାଯାଇଥିଲା । ଏଥିରେ ମୁଖ୍ୟତଃ ପିଇବା ପାଣି ,ପରିମଳ , ରାସ୍ତାଘାଟ, ଗାଁ ଆଲୋକୀକରଣ ଉପରେ ଆଲୋଚନା ହୋଇଥିଲା । ପରିଶେଷରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିରେନ୍ଦ୍ର କୁମାର ନାଗ ଧନ୍ୟବାଦ ଅର୍ପଣ କରିଥିଲେ ।

### ଠିକାଦାର ପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବଲାଙ୍ଗୀର ଅଫିସ,୧୯।୫: ବଲାଙ୍ଗୀର ଠିକାଦାରପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସ୍କୁଲର ପ୍ରଧାନଶିକ୍ଷକ ଲକ୍ଷ୍ମୀ ବଗର୍ତ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଏବିଇଓ ଉତ୍ତମ କୁମାର ନାଏକ ଓ ସମାନିତ ଅତିଥି ରୂପେ ସ୍କୁଲ ପରିଚାଳନା କମିଟିର ଉପସଭାପତି ନାରାୟଣ ରଣା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସିଆରସିସି ରାମଚନ୍ଦ୍ର ପୁରୋହିତ ଯୋଗଦେଇ ପିଲାମାନଙ୍କୁ ଉତ୍ତମ ରୂପେ ପାଠ ପଢି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ତ୍ରିପାଠୀ ଉତ୍ସବ ପରିଚାଳନା କରିଥିଲେ। ଏହି ଅବସରରେ ସ୍କୁଲର ପୂର୍ବତନ ଶିକ୍ଷୟିତ୍ରୀ ଜାହ୍ନବୀ ହୋତା ଓ କାଞ୍ଚନ ମାଳା ବିଶାଳଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଶିକ୍ଷାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟି ସଭାପତି ସରସତୀ ଛତ୍ରିଆ, ବିଆର୍ଟି ଗୋମତୀ ସାହୁ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଯୋଗ ଦେଇଥିଲା ବେଳେ ବିଦ୍ୟାଳୟ ଅଭିଭାବକ ଉପସ୍ଥିତ ଥିଲେ। ସ୍କୁଲର ମଧ୍ୟାହ୍ନ ଭୋଜନ ଦାୟିତ୍ୱରେ ଥିବା ଗାୟତ୍ରୀ ସ୍ୱଂୟ ସହାୟକ ଗୋଷ୍ଠୀର ସଭ୍ୟାମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବନ୍ଧପଡ଼ା ଅଞ୍ଚଳରେ ବେଆଇନ ଇଟାଭାଟି

ଦେଓଗାଁ ,୧୯।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ତହସିଲ ଅନ୍ତର୍ଗତ ବନ୍ଧପଡା ଅଞ୍ଚଳରେ ବର୍ତ୍ତମାନ ଅନେକ ବେଆଇନ ଇଟାଭାଟି ଚାଲିଥିବା ନଜରକୁ ଆସିଛି । କେତେକ ବ୍ୟବସାୟୀ ଓ ମୁଷ୍ଟିମେୟ ବ୍ୟକ୍ତି ବେଆଇନ ଭାବେ ଇଟାଭାଟି କରି ଖୁଲମଖୁଲା ବ୍ୟବସାୟ ଚଳାଇଥିବା ବେଳେ ରାଜସ୍ୱ ବିଭାଗ ସବୁ ଜାଣି ନୀରବଦ୍ରଷ୍ଟା ସାଜିଛି । ଫଳରେ ସରକାରଙ୍କ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ଘଟୁଛି । ସରକାରୀ ଖଣି ନିୟମକୁ ଉଲ୍ଲଘଂନ କରି ଅସାଧୁ ବ୍ୟବସାୟୀମାନେ ବିଭିନ୍ନ ସରକାରୀ ସ୍ଥାନରେ ମାଟି ଖନନ କରି ଇଟା ତିଆରି କରୁଥିବା ବେଳେ ଜଙ୍ଗଲରୁ ବେଆଇନ ଭାବେ ଗଛ କାଟି ଇଟାଭାଟି କରୁଥିବା ଅଭିଯୋଗ ହେଉଛି । ଅନ୍ୟପଟେ ଦେଓଗାଁ ତହସିଲ



ଦେଓଗାଁ ତହସିଲ ଅଞ୍ଚଳରେ ଏକ ବେଆଇନ ଇଟାଭାଟି।

ପକ୍ଷରୁ ଉକ୍ତ ଅଞ୍ଚଳରେ ହାତ ଗଣତି ଗୋଟେ ଦୁଇଟି ଛୋଟ ଇଟାଭାଟି ଉପରେ ଚଢାଉ କରାଯାଇ ଫାଇନ ଆଦାୟ କରାଯାଉଥିବା ବେଳେ ବଡ ବ୍ୟବସାୟୀଙ୍କୁ କେବଳ ନୋଟିସ କରି ଛାଡି ଦିଆଯାଉଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହେଉଛି । ଗତ ୧୬ ତାରିଖରେ ତହସିଲ ପକ୍ଷରୁ ଚଢାଉ କରାଯାଇ ଯାଜବେନ୍ଦୁ ଦଣ୍ଡସେନାଙ୍କ ଠାରୁ ବେଆଇନ ଇଟା କାରବାର ନେଇ ୧୫ ହଜାର ୧୧୧ ଟଙ୍କା ଫାଇନ ଆଦାୟ କରାଯାଇଥିଲା । ହେଲେ କାନ୍ତେଶ୍ୱର ପଧାନଙ୍କ ଇଟାଭାଟିକୁ ବିଭାଗୀୟ କର୍ମଚାରୀମାନେ ତଦନ୍ତ ନ କରି ଫେରି ଯାଇଥିଲେ। ସଂପୃକ୍ତ ବ୍ୟବସାୟୀ ଜଣକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ପାଖ ଲୋକ କହି ବୁଲୁ ଥିବାରୁ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସଂପର୍କରେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳଙ୍କୁ ପଚାରିବାରେ ଉକ୍ତ ବେଆଇନ ଇଟା ଭାଟି ବିଷୟରେ ଅଭିଯୋଗ ପାଇଛୁ। ବିଭାଗ ପକ୍ଷରୁ କାନ୍ତେଶ୍ୱର ପଧାନଙ୍କୁ ନୋଟିସ କରିଛୁ। ସେ ଟଙ୍କା ପୈଠ କରିବା ପାଇଁ ଦୁଇଦିନ ସମୟ ମାଗିଛନ୍ତି। ନହେଲେ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଅନିଶ୍ଚିତତାରେ ସମବାୟ ନିର୍ବାଚନ

ଦେଓଗାଁ,୧୯।୫(ଡି.ଏନ.ଏ.)

**ଜରାସିଂହା ପ୍ୟାକ୍ସ**

■ରେକର୍ଡ ପତ୍ର ନ ଥିବା ଜଣାଇଲେ ସମ୍ପାଦକ: ହାତ ଟେକି ଦେଲା ସମବାୟ ବିଭାଗ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଚଳିତବର୍ଷ ସମବାୟ ନିର୍ବାଚନ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ରାଜ୍ୟର ପ୍ରାୟ ସମସ୍ତ ପ୍ୟାକ୍ସରେ ସମବାୟ ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇ ସଭ୍ୟ ତାଲିକା ପ୍ରକାଶ ପାଇଥିବା ବେଳେ ଦେଓଗାଁ ବ୍ଲକର ଜରାସିଂହା ପ୍ୟାକ୍ସରେ ଅଦ୍ୟାବଧି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଫଳରେ ଅଞ୍ଚଳର ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାନୁସାରେ, ୨୦୧୫-୧୬ ଆର୍ଥିକ ବର୍ଷରୁ ୨୦୧୯-୨୦ ପର୍ଯ୍ୟନ୍ତ ଉକ୍ତ ପ୍ୟାକ୍ସର ରେକର୍ଡପତ୍ର ସୁପରିଚାଳନା ହୋଇ ନ ଥିବା ଅଭିଯୋଗ ହେଉଛି। ଫଳରେ ଗତ ୩୧।୧।୨୦୨୧ ଦିନ ବଲାଙ୍ଗୀର ସମବାୟ ବ୍ୟାଙ୍କ ଓ ଡିଆରସିଏସ ଅଫିସରୁ ଅଧିକାରୀ ଆସି ସମସ୍ତ ରେକର୍ଡ ପତ୍ର ଜବତ କରି ନେଇଛନ୍ତି। ଏଣୁ ନିର୍ବାଚନ କରିବା ପାଇଁ ଯେଉଁ ସବୁ ତଥ୍ୟ ବା ସଭ୍ୟ ତାଲିକା ଦରକାର ତାହା ମିଳିପାରିନାହିଁ । ତଦନ୍ତ ନାଁରେ ବିଭାଗୀୟ ଅଧିକାରୀ ସମସ୍ତ କାଗଜପତ୍ର ନେଇ ଚୁପ ହୋଇ ବସିଛନ୍ତି। ଫଳରେ ଉକ୍ତ ପ୍ୟାକ୍ସର ଭୋଟର ତାଲିକା ପ୍ରସ୍ତୁତ ହୋଇ ନ ପାରିବା କିମ୍ବା ତାଲିକା ପ୍ରସ୍ତୁତ ପାଇଁ କୌଣସି ରେକର୍ଡ ନ ଥିବାରୁ ସଂପୃକ୍ତ ପ୍ୟାକ୍ସର ସଂପାଦକ ବଲାଙ୍ଗୀର ଏଆରସିଏସ ଏବଂ ଡିଆରସିଏସଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ସଂକ୍ରାନ୍ତରେ ବଲାଙ୍ଗୀର ଏଆରସିଏସ ପ୍ରଭାକର ନାଏକ ଙ୍କୁ ପଚାରିବାରୁ ନିର୍ବାଚନ ହୋଇ ପାରିବ ନାହିଁ। ସେଠାରେ କୌଣସି ରେକର୍ଡପତ୍ର ନାହିଁ ବୋଲି ସମ୍ପାଦକ ରାମକୃଷ୍ଣ ସାହୁ ଲିଖିତ ଭାବେ ଜଣାଇଛନ୍ତି ଏବଂ ପୂର୍ବରୁ ଯେଉଁ ଅଧିକାରୀମାନେ ଜବତ କରିଛନ୍ତି ତାହା ଅଦ୍ୟାବଧି ଆମର ହସ୍ତଗତ ହୋଇନାହିଁ। ତେଣୁ ନିର୍ବାଚନ ଅଧିକାରୀଙ୍କୁ ଜଣାଇ ଦେଇଛୁ । ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

# ଉଦ୍ୟୋଗ ବିକାଶ ଶିବିର ଉଦ୍‌ଯାପିତ




ଉଦ୍‌ଯାପନୀରେ ଅତିଥିଙ୍କ ଗହଣରେ ପ୍ରଶିକ୍ଷଣ ନେଇଥିବା ଯୁବତୀଯୁବକମାନେ।

ଜୁନାଗଡ଼,୧୯।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଶିଳ୍ପ କେନ୍ଦ୍ର, ଓଡିଶା ଶିଳ୍ପ ନିର୍ଦ୍ଦେଶାଳୟ ଓ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ଯୁଥ ଅର୍ଗାନାଇଜେଶନର ମିଳିତ ଆନୁକୂଲ୍ୟରେ ଜୁନାଗଡ ବ୍ଲକ ମୁଣ୍ଡୁରାଗୁଡାଠାରେ ୫ ତାରିଖରୁ ଚାଲିଥିବା ଜୀବନ ଜୀବିକା ଉଦ୍ୟୋଗ ବିକାଶ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୩୦ଜଣ ଯୁବ ଉଦ୍ୟୋଗୀ ଅଂଶ ଗ୍ରହଣ କରି ସରକାରଙ୍କ ବିଭିନ୍ନ ଯୋଜନା ଓ ଉଦ୍ୟୋଗ ସମ୍ବନ୍ଧୀୟ ବିଷୟ ବସ୍ତୁ ଉପରେ ତାଲିମ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜୁନାଗଡ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ ମାନସ କୁମାର ମୁଣ୍ଡ ଯୋଗଦେଇ ଉଦ୍ୟୋଗ ସ୍ଥାପନ ପାଇଁ ବ୍ୟାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିବା ସହ ଗ୍ରାମାଞ୍ଚଳରେ ଶିଳ୍ପ କେନ୍ଦ୍ରର ଏଭଳି ଆୟୋଜନକୁ ପ୍ରଶଂସନୀୟ ଓ ସ୍ୱାଗତ ଯୋଗ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିଳ୍ପ କେନ୍ଦ୍ର ମୁଖ୍ୟ ପରିଚାଳକ ମୋହନ ଶବର, ଆଇପିଓ ଚିନ୍ମୟୀ ଭୋଇ, ଶିକ୍ଷାବିତ ପ୍ରବୀଣ କୁମାର ପଣ୍ଡା, ଯୁବ ସାମାଜିକ କର୍ମୀ ଚନ୍ଦ୍ରଭାନୁ କୈବର୍ତ୍ତ, ସଞ୍ଜୟ ସୁନାନୀ ପ୍ରମୁଖ ଯୋଗଦେଇଥିଲେ। ସଙ୍ଗଠନ ସମ୍ପାଦକ ଅବିନାଶ ମୁଣ୍ଡ ୧୨ଦିନ ବ୍ୟାପି ଚାଲିଥିବା ଶିବିର ପରିଚାଳନା କରିଥିବା ବେଳେ ପଦ୍ମାବତୀ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ୩୦ଜଣ ପ୍ରଶିକ୍ଷଣ ନେଉଥିବା ଯୁବତୀଯୁବକଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସ୍ୱେଚ୍ଛାସେବୀ ଦେବାଶିଷ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

# ଶୀତଳ ଷଷ୍ଠୀ ଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି

ବରପାଲି,୧୯।୫(ଡି.ଏନ.ଏ)

ବରପାଲିର ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଗୁରୁବାର ପ୍ରଶାସନିକ ସ୍ତରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବରପାଲି ଥାନା ପରିସରରେ ଏସ୍‌ଡିପିଓ ଦୀପକ ଗୋଛାୟତଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଶୀତଳ ଷଷ୍ଠୀ ଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ହେବ ସେ ନେଇ ଆଲୋଚନା ହୋଇଥିଲା। ଚଳିତବର୍ଷ ଅଧିକ ଜନସମାଗମକୁ ଦୃଷ୍ଟିରେ ରଖି ଯାତ୍ରା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଟ୍ରାଫିକ୍ ସମସ୍ୟା, ପାଣି ତଥା ମେଢ଼ ସହର ପରିକ୍ରମା ସମୟରେ ବାଇପାସ୍ ଆଦି ଉପରେ ଆଲୋଚନା କରାଯାଇଥିଲା। ବୈଠକ ରେ ବରଗଡ଼ ଉପ ଜିଲାପାଳ ଶୁଭେନ୍ଦୁ ସାମଲ, ବରପାଲି ବିଡ଼ିଓ ତ୍ରିବିକ୍ରମ କୁମୁରା, ଭାରପ୍ରାପ୍ତ ଅଧିକାରୀ ସବିତା ଲତା ସେଠୀ, ଫାୟର ଅଫିସର ଅରୁଣ ଟପ୍ପୋ, ଶୀତଳ ଷଷ୍ଠୀ ଯାତ୍ରା କମିଟି ସଭାପତି ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତ ତ୍ରିପାଠୀ, ପିନାକୀ ଦାଶ, ଦାମୋଦର ପଣ୍ଡା, ପଦ୍ମଲୋଚନ ସାହୁ, ଚିତ୍ତ ରଞ୍ଜନ ସାହୁ, ହିମାଦ୍ରୀ ନଗର (ଜଗନ୍ନାଥ ନଗର) ଯାତ୍ରା କମିଟି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ସମ୍ପାଦକ ସନ୍ତୋଷ ଗୁପ୍ତା, କୈଳାଶ ଗହୀର, ଜିତୁ ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ, ମୁକେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବରପାଲି ୩-୦ ଗୋଲରେ ବିଜୟୀ



ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ବରଗଡ଼ ଅଫିସ୍,୧୯।୫

**ଆନନ୍ଦ ଆଚାର୍ଯ୍ୟ ପ୍ରିମିୟର ଲିଗ୍ ଫୁଟବଲ**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମଠାରେ ଚାଲିଥିବା ଆନନ୍ଦ ଆଚାର୍ଯ୍ୟ ପ୍ରିମିୟର ଲିଗ୍ ଫୁଟବଲ ପ୍ରତିଯୋଗିତାର ଗୁରୁବାର ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ବରପାଲି ବାଇସନ୍ ପ୍ରତିପକ୍ଷ ଗୋବିନ୍ଦପାଲି ଏସ୍‌ଏସ୍‌ୱାଇଏସ୍‌କୁ ୩-୦ ଗୋଲରେ ହରାଇ ବିଜୟୀ ହୋଇଛି। ଜ୍ୟୋତିରଞ୍ଜନ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ଶଶିକାନ୍ତ ଦାସିଆ, ଦେବାଶିଷ ବାଗ ଲାଇନରେ ସହଯୋଗ କରିଥିଲେ। ଅଶ୍ୱିନୀ ମେହେର ଚତୁର୍ଥ ରେଫେରୀ ଥିଲେ। ବରପାଲି ଦଳର ପ୍ରବୀଣ ଟିଗ୍‌ଗା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ଅଧ୍ୟାପକ ସୁବଳ ମେହେର, ଜିଲା କ୍ରୀଡ଼ା ସଂସଦ କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର, ଜିଲା କ୍ରିକେଟ ଆସୋସିଏଶନର ସଦସ୍ୟ ସୌର୍ଯ୍ୟରଞ୍ଜନ ରାଏ, ବରପାଲି ବାଇସନ ଦଳର ଫ୍ରାଞ୍ଚାଇଜି ସତ୍ୟନାରାଣ ପ୍ରଧାନ, କ୍ଷିତିପତି ପ୍ରଧାନ, ନିଷ୍ଠା ପରିବାର ସଭାପତି ରକ୍ଷପାଳ ସାହୁ, ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସେହିପରି ବୁଧବାର ବରଗଡ଼ ୱାରିୟର୍ସ ଏବଂ ରେଲୱେ ଏଫସି ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। କୌଣସି ଦଳ ଗୋଲ ସ୍କୋର କରିବାରେ ସକ୍ଷମ ହୋଇ ନ ଥିଲେ । ବୁଧବାର ଦ୍ୱିତୀୟ ମ୍ୟାଚ୍‌ରେ ବୋଡ଼ାସମ୍ବର ଏଫ୍‌ସି ପ୍ରତିପକ୍ଷ ଗୋବିନ୍ଦପାଲି ଏସ୍‌ଏସ୍‌ୱାଇଏସ୍‌କୁ ୪-୦ ଗୋଲରେ ହରାଇଥିଲା।

# ସନ୍ତରଣ ପ୍ରତିଯୋଗିତାରେ ୧୬୦ ଜଣ ଭାଗ ନେଲେ

ସୋନପୁର,୧୯।୫(ନି.ପ୍ର)

ସୋନପୁର ରାମେଶ୍ୱର ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ସନ୍ତରଣାଗାରଠାରେ ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉଭୟ ଜୁନିୟର ଓ ସବ୍‌ଜୁନିୟର ସ୍ତରରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ୧୭ ବର୍ଷରୁ କମ୍ ବୟସର ଜିଲାର ମୋଟ ୧୬୦ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୩୦ ଜଣ ବାଳିକା ଓ ୧୩୦ ଜଣ ବାଳକ ଥିଲେ। ଆୟୋଜିତ ସଭାରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଶରୀର ପାଇଁ ସନ୍ତରଣର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ନନ୍ଦ କିଶୋର ତ୍ରିପାଠୀ ସଭାରେ ଅଧକ୍ଷତା କରିଥିଲେ। ସୁବର୍ଣ୍ଣପୁର ଜିଲା ସନ୍ତରଣ ସଂଘର ସଭାପତି ପ୍ରଦୀପ ମହାନ୍ତି, ଉପସଭାପତି ବିଦ୍ୟାଧର ମିଶ୍ର, ସମ୍ପାଦକ ଜୟନାରାୟଣ ମେଣ୍ଡିଲି,




ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଅତିଥି ବୃନ୍ଦ।

ସହ ସମ୍ପାଦକ ଭକ୍ତି ରଞ୍ଜନ ଦଳାଇ, କୋଷାଧକ୍ଷ ମାନସ ରଞ୍ଜନ ମିଶ୍ର, ଦିଗାମ୍ବର ଶତପଥୀ ଓ ବିଶ୍ୱରଞ୍ଜନ ଦଳାଇ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ କୋଚ ସଞ୍ଜୟ କୁମାର ପଣ୍ଡା, ସହକାରୀ କୋଚ ନିମେଇ ଚନ୍ଦ୍ର ବଘାଡ, କ୍ରୀଡା ଶିକ୍ଷକ ରଘୁନାଥ ଥନାପତି, ଶ୍ୟାମ ସୁନ୍ଦର ନାଏକ ଓ ସୋନପୁର ଇନିଫିନିଟି ଏକାଡେମୀର କୋଚ କଲିମ ମହମ୍ମଦ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଟାଇମିଂ ଅନୁସାରେ ପ୍ରତିଯୋଗୀଙ୍କୁ ଚୟନ କରାଯାଇଛି। ସେମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। କୃତି ପ୍ରତିଯୋଗୀମାନେ ଆସନ୍ତା ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି।

# ଦେୟମୁକ୍ତ ବିଦ୍ୟୁତ୍ ଦାବିରେ ଦସ୍ତଖତ ଅଭିଯାନ

ଜାମଟିକ୍ରା, ୧୯।୫(ଡି.ଏନ.ଏ)

୨୦୦ ୟୁନିଟ ପର୍ଯ୍ୟନ୍ତ ଦେୟମୁକ୍ତ ବିଦ୍ୟୁତ୍ ଦାବିରେ ଆମ ଆଦ୍‌ମୀ ପାର୍ଟି ପକ୍ଷରୁ ଗୁରୁବାର ବରଗଡ଼ ଜିଲା ଅତାବିରା ବ୍ଲକ ଗୋସାପ୍ତାହିକ ବଜାରଠାରେ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଛି। ବିଜୁଳି ଏକ ମୌଳିକ ଅଧିକାର ହୋଇଥିବାରୁ ବହୁ ଲୋକ ଏହି ଦସ୍ତଖତ ଅଭିଯାନରେ ସହଯୋଗ କରିଥିବା ଜିଲା ଆବାହକ ଭବାନୀ ସାହୁ ସୂଚନା ଦେଇଛନ୍ତି। ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ବାରମ୍ବାର ଅଘୋଷିତ ପାୱାର କଟ୍ ଓ ବିଜୁଳି ଦର ବୃଦ୍ଧି ସହ ଏରିଅର କଲେକ୍ସନ ଏବେ ଜନସାଧାରଣଙ୍କୁ ଅତିଷ୍ଠ କରିଛି। ଅତାବିରା ବ୍ଲକ ସଂଯୋଜକ ଜୟକିଶନ ଛୁରିଆ, ଯଦୁମଣି ପଧାନ ଓ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ।

# ତେଲ ନଦୀରୁ ଚୋରା ଚାଲାଣ ହେଉଛି ବାଲି

ସୋନପୁର,୧୯।୫(ନି.ପ୍ର.)

ତେଲ ନଦୀର ସୋନପୁର-ମନମୁଣ୍ଡା ବ୍ରିଜ୍ ତଳୁ ବାଲି ଚୋରା ଚାଲାଣ ହେଉଛି। ପ୍ରତ୍ୟହ ଟ୍ରାକ୍ଟର ଯୋଗେ ସୋନପୁର ଓ ବୌଦ୍ଧ ଜିଲାର ମନମୁଣ୍ଡା ଅଞ୍ଚଳକୁ ବାଲି ପରିବହନ କରାଯାଉଛି । ରାଜସ୍ୱ ବିଭାଗ ବାଲି ଚୋରାଚାଲାଣକୁ ରୋକିପାରୁନି। ଏହି ଉତ୍ସ ନିଲାମ ହୋଇ ନ ଥିବା ବେଳେ ବାଲି ଚୋରାଚାଲାଣ ଯୋଗୁ ସରକାରଙ୍କ ବ୍ୟାପକ ରାଜସ୍ୱ ହାନି ହେଉଛି। ଅନ୍ୟପକ୍ଷେ ରେଳ ବିଭାଗ ପକ୍ଷରୁ ତେଲ ନଦୀ ଉପରେ ଏବେ ବ୍ରିଜ୍ ନିର୍ମାଣ ଚାଲିଛି। ସେଠାରୁ ଟ୍ରାକ୍ଟର ଯୋଗେ ବାଲି ଉତ୍ତୋଳନ ହେଉଥିବାରୁ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ସୋନପୁର ତହସିଲ ପକ୍ଷରୁ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣକୁ ନେଇ ଧରପଗଡ ହେଉଛି । ଜରିମାନା ଆଦାୟ ସହ ଚୋରା ଚାଲାଣକାରୀଙ୍କୁ ତାଗିଦ୍ କରାଯାଉଛି। ମାତ୍ର ତାହା ନିୟମିତ ହେଉ ନଥିବାରୁ କିଛି ବ୍ୟବସାୟୀ ଫାଇଦା ଉଠାଉଛନ୍ତି। ତେଣୁ ରାଜସ୍ୱ ବିଭାଗ ପକ୍ଷରୁ ଚଢାଉ ଜୋରଦାର କରିବାକୁ ସାଧାରଣରେ ଦାବି ହେଉଛି।

# ଜନ ଜାଗରଣ ଯାତ୍ରା ପ୍ରସ୍ତୁତି ବୈଠକ

ଅମରପାଲି,୧୯।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ରାଣିପୁର ଠାରେ ମହାଯୋଗୀ ଶ୍ରୀ ଅରବିନ୍ଦଙ୍କ ୧୫୦ତମ ଜନ୍ମଦିବସ ପାଳନ ଓ ଜନ ଜାଗରଣ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୀରମହାରାଜପୁର ବ୍ଲକ ସଭାପତି ବିପିନ ଖମାରି ଅଧକ୍ଷତା କରିଥିଲେ। ଜୋନ ସଂଗଠନ ଦାୟିତ୍ୱରେ ଥିବା ମଦନ ମୋହନ ଦାନୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସଭାପତି ତଥା ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ମାତୃପ୍ରେମୀ ଆବାହକ କିଶୋର ହୋତା, ଚମ୍ପମାଳ ସମିତିସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ଉତ୍ଫୁଲା ସମିତି ସଭ୍ୟ ଶୈଳେନ୍ଦ୍ର ବାଦୀ, ନବୀନ ସେଠୀ, ମଞ୍ଜୁଲତା ବାବୁ, ସୋମା ମଞ୍ଜରୀ ସାହୁ, ଅଜିତ ସେଠୀ, ବାବା ଶିବ ତ୍ରିପାଠୀ, ପବିତ୍ର ପଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆସନ୍ତା ଜୁନ ଦ୍ୱିତୀୟ ସପ୍ତାହରେ ବୀରମହାରାଜପୁର ବ୍ଲକର ୧୫ଟି ଗ୍ରାମପଞ୍ଚାୟତକୁ ରଥ ପରିକ୍ରମା କରିବ ବୋଲି ଜଣାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଲୋକ ପ୍ରତିନିଧି, ପ୍ରଶାସନିକ ଅଧିକାରୀ, ପୋଲିସ, ଏନସିସି, ରେଡ଼କ୍ରସ, ସାମ୍ବାଦିକ ଓ ସମସ୍ତ ମାତୃପ୍ରେମୀ ସାମିଲ ହେବେ। ଶ୍ରୀ ଅରବିନ୍ଦଙ୍କ ବାଣୀକୁ ପ୍ରତ୍ୟେକ ପରିବାରରେ ପହଞ୍ଚାଇବା ଏହାର ମୂଳଲକ୍ଷ୍ୟ। ମନୋରଞ୍ଜନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମାତୃ ବନ୍ଦନା ପରିବେଷଣ କରାଯାଇଥିଲା।

# ମଧ୍ୟାହ୍ନ ଭୋଜନ ଚାଉଳକୁ ନେଇ ଉତ୍ତେଜନା

ଖପ୍ରାଖୋଲ,୧୯।୫(ଡି.ଏନ.ଏ.)

**ଝାଂକ୍ରିପାଲି ଗାଁ ବିଦ୍ୟାଳୟ**

■ ସରକାର ଦେଉଛନ୍ତି ଭିଟାମିନ ଯୁକ୍ତ ଚାଉଳ-ବିଇଓ

ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ଝାଂକ୍ରିପାଲି ଗାଁ ବିଦ୍ୟାଳୟକୁ ଯୋଗାଇ ଦିଆଯାଇଥିବା ମଧ୍ୟାହ୍ନ ଭୋଜନ ଚାଉଳକୁ ନେଇ ଗୁରୁବାର ଉତ୍ତେଜନା ପ୍ରକାଶ ପାଇଥିଲା। ବିଦ୍ୟାଳୟକୁ ଯୋଗାଣ ହୋଇଥିବା ଚାଉଳକୁ ଧୋଇ ରୋଷେଇ କଲା ବେଳେ କିଛି ଚାଉଳ ପାଣିରେ ଭାସୁଥିବା ଓ ତାହା ପ୍ଲାଷ୍ଟିକ ଚାଉଳ ଭଳି ଦିଶୁଥିବା ଦେଖିବାକୁ ମିଳିଥିଲା । ଖବର ପାଇ ବିଦ୍ୟାଳୟରେ ଅଭିଭାବକମାନେ ପହଞ୍ଚି ପିଲାଙ୍କୁ ଅପମିଶ୍ରଣ ମଧାନ୍ନ ଭୋଜନ ଦିଆଯାଉଥିବା ଅଭିଯୋଗ ଆଣିଥିଲେ । ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ପିଲାମାନେ



ସ୍କୁଲକୁ ଯୋଗାଣ ହୋଇଥିବା ମଧ୍ୟାହ୍ନ ଭୋଜନ ଚାଉଳ ।

ମଧାନ୍ନ ଭୋଜନ ଖାଇବାକୁ ମନା କରି ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଜଳଧର ତାଣ୍ଡିଙ୍କୁ ଏ ନେଇ ଅଭିଭାବକମାନେ ଫୋନ ଯୋଗେ ଜଣାଇ ଥିଲେ । ଏ ସମ୍ପର୍କରେ ଖପ୍ରାଖୋଲ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପୁରୋହିତଙ୍କୁ ପଚାରିବାରେ ଚଳିତ ମାସରୁ ସାରା ରାଜ୍ୟରେ ପ୍ରତି କୁଇଣ୍ଟାଲ ମଧ୍ୟାହ୍ନ ଭୋଜନ ଚାଉଳରେ ଏକ କେଜି ହିସାବରେ ଭିଟାମିନ ଯୁକ୍ତ ଚାଉଳ ମିଶୁଛି ଯାହାକି ପ୍ଲାଷ୍ଟିକ ଚାଉଳ ଭଳି ଦିଶୁଥିବା କହିଥିଲେ। ଏନେଇ ଆମ ଅଫିସକୁ ଚିଠିହୋଇଛି । ଆଗାମୀ ଦିନରେ ସମସ୍ତଙ୍କୁ ସଚେତନ କରାଯିବ ବୋଲି କହିଛନ୍ତି।

